**ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ କଳସଯାତ୍ରା**

କୋକସରା,(ଦୁଷ୍ମନ୍ତ କୁମାର ପାଢୀଯୋଷୀ): କୋକସରା ବ୍ଲକ ମୃଷାପାଲି ପଞ୍ଚାୟତ ଗହନାମୁଣ୍ଡାରେ ସୋମବାର ସକାଳେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବ। ରବିବାର କଳସ ଶୋଭାଯାତ୍ରା ଓ ଅଧିବାସ ହୋଇଛି। ଅପରାହ୍ନରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ତଳବନ୍ଧ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ପହଞ୍ଚି ଥିଲେ। ପଣ୍ଡିତ ସୀମାଞ୍ଚଳ ମୁଣ୍ଡ ପୂଜାର୍ଚ୍ଚନା କରିବା ପରେ ପୂଜା କର୍ତ୍ତା ପୁରୁନ୍ଦର ବିଶି ଓ ଚମ୍ପା ବିଶି ସପତ୍ନୀକ ପ୍ରଥମେ ପୋଖରୀରେ ପୂର୍ଣ୍ଣ ଜଳ କଳସୀ ଉଠାଣ କରିଥିଲେ। ନାମଯଜ୍ଞ ୮ତାରିଖ ପର୍ଯ୍ୟନ୍ତ ହେବ।

# ସମ୍ବଲପୁରୀ ନାଚଗୀତରେ ଦର୍ଶକ ବିମୋହିତ

**ମାରାଗୁଡ଼ା ଲୋକ ମହୋତ୍ସବ ଉଦ୍‌ଯାପିତ**

ନୂଆପଡ଼ା,୫।୪ (ମକାରୁ ବେମାଲ)

ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଜିଲାର ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପର୍ବ ମାରାଗୁଡା ଲୋକ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇ ଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ଖଡ଼ିଆଳ ବନଖଣ୍ଡ ଅଧିକାରୀ (ପ୍ରାଦ୍ରିୟ) ଅଜିଜ ଖାନ, ଖରିଆର ରୋଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଲ, ବିଶିଷ୍ଟ ଶିକ୍ଷାବିତ ସୁଜନେଶ୍ୱର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଓ ଗବେଷକ ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ମାରାଗୁଡା ସଭ୍ୟତାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଏହାପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ନୂଆପଡା କେନକିଡ୍ସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ସ୍ୱର ଶିଙ୍ଗାର ସାଂସ୍କୃତିକ ଅନୁଷ୍ଠାନ ଟାନୱାଟ, ନଟରାଜ ଡ୍ୟାନ୍ସ ଏକାଡେମୀ ନୂଆପଡା, ବାପୁଜୀ ସାଂସ୍କୃତିକ ଅନୁଷ୍ଠାନ ଉଲଭା, ନୂଆପଡ଼ାର ପଞ୍ଚମୀ ଡ୍ୟାନ୍ସ ଏକାଡେମୀ ଓ ବଜାଶାଲ ଶରଧାପୁର ବୋଡେନର କଳାକାର ସମ୍ବଲପୁରୀ ନାଚଗୀତରେ ମଞ୍ଚକୁ ଦୁଲକାଇବା ସହ ଦର୍ଶକଙ୍କୁ ବିମୋହିତ କରି ଦେଇଥିଲେ। ସମ୍ବଲପୁରୀ ନାଚଗୀତ ଓ ଢୋଲ ମହୁରି ନିଶାନ ତାସାର ତାଳେତାଳେ ଦର୍ଶକ ଝୁମି ଉଠିଥିଲେ। ଏହାପରେ ଉମାକାନ୍ତ ବାରିକ ଓ ସାଥିଙ୍କ ସମ୍ବଲପୁରୀ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ହୋଇଥିଲା।


ମାରାଗୁଡା ଲୋକ ମହୋତ୍ସବ ଉଦ୍‌ଯାପନୀରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

# ମହୋତ୍ସବରେ ଚୌକି ଖାଲି

ନୂଆପଡ଼ା,୫।୪ (ମକାରୁ ବେମାଲ)

ମାରାଗୁଡା ଲୋକ ମହୋତ୍ସବରେ ଦର୍ଶକଙ୍କ ଅଭାବ ଯୋଗୁ ଚୌକି ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପ୍ରିଲ ୧ ରୁ ଚାଲିଥିବା ମହୋତ୍ସବରେ ଅତିଥି, ଭିଆଇପି, ଅଧିକାରୀ, କର୍ମଚାରୀ, ଖବରଦାତା, ନିର୍ବାଚିତ ଜନପ୍ରତିନିଧି, ଦର୍ଶକମାନଙ୍କ ପାଇଁ ୫ ହଜାର ଚୌକି ପଡିଛି। ବିଭିନ୍ନ ଦିନରେ ଅନେକ ନାମୀଦାମୀ କଳାକାର ଆସି ନାଚଗୀତରେ ମଞ୍ଚ ଦୁଲକେଇ ଦେଉଛନ୍ତି। ହେଲେ ଦର୍ଶକଙ୍କ ଅଭାବ ଯୋଗୁ ଚୌକି ସବୁ ଖାଲି ପଡିଛି। ଯେଉଁମାନେ ମହୋତ୍ସବ ଦେଖିବାକୁ ଯାଉଛନ୍ତି ମଞ୍ଚଙ୍କୁ ନ ଦେଖି ଆଗ ଚୌକିକୁ ଦେଖୁଛନ୍ତି। ମାରାଗୁଡା ଲୋକ ମହୋତ୍ସବରେ ଖାଲି ଚୌକି ଆକର୍ଷଣ କରୁଛି ବୋଲି ବାଟେଘାଟେ ଚର୍ଚ୍ଚା ହେଉଛି। ଏହି ଲୋକ ମହୋତ୍ସବ ନୂଆପଡ଼ା ସହର ଭିତରେ ନ ହୋଇ ଖରିଆର ରୋଡ଼ ଓ ନୂଆପଡ଼ା ମଧ୍ୟ ଭାଗରେ ସହରଠାରୁ ୭ କିଲୋମିଟର ଦୂରରେ ହେଉଥିବାରୁ ସହର ଲୋକେ ଯିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ମହୋତ୍ସବ ରାତି ୧୨ଟାରେ ଶେଷ ହେଉଛି, ସରିଲା ପରେ କେଉଁଠି ରହିବୁ ବୋଲି ବାହାର ଲୋକେ ଆସୁ ନ ଥିବା ଅନୁମାନ କରାଯାଉଛି। ଏହା ପୂର୍ବରୁ ସୁଭଦ୍ରା ଶକ୍ତି ମେଳା ଉକ୍ତ ପଡିଆରେ ସପ୍ତାହ ବ୍ୟାପି ହୋଇଥିଲା। ସେହି ମେଳାରେ ମଧ ଦର୍ଶକ ଅଭାବରୁ ଚୌକି ଖାଲି ପଡୁଥିଲା। ଏହାକୁ ଦେଖି ନୂଆପଡ଼ା ସହରବାସୀ, ଓକିଲ ସଂଘ, ଖବରଦାତା ସଂଘ, ଶିକ୍ଷକ ସଂଘ, ବିଭିନ୍ନ ଅନୁଷ୍ଠାନ ନୂଆପଡ଼ା ସହରର କୌଣସି ନିର୍ଦ୍ଦିଷ୍ଟ ପଡ଼ିଆରେ ମହୋତ୍ସବ ଆୟୋଜନ କରିବା ପାଇଁ ଦାବି କରିଥିଲେ। ଜିଲାପାଳ ବସ୍, ଅଟୋ ଦ୍ୱାରା ଲୋକଙ୍କୁ ପଡିଆଙ୍କୁ ନିଆଯିବ ବୋଲି କହିଥିଲେ। ମହୋତ୍ସବରେ ଦର୍ଶକଙ୍କ ଅଭାବ ଯୋଗୁ ଭିଡ ଜମାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ସହାୟିକା, ସରକାରୀ ଅଧିକାରୀ, କର୍ମଚାରୀମାନଙ୍କୁ ମହୋତ୍ସବ ପଡିଆରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ କେବଳ ସରକାରୀ ଅଧିକାରୀ ଓ କର୍ମଚାରୀ ମହୋତ୍ସବରେ ଦେଖା ଯାଉଥିଲେ। ଛତିଶଗଡ ସୀମାନ୍ତରେ ନୂଆପଡା ରହିଥିବାରୁ ଏଠିକାର ୯୦ ପ୍ରତିଶତ ଲୋକେ ଛତିଶଗଡ଼ି ଓ ହିନ୍ଦି ଭାଷାରେ କଥାବାର୍ତ୍ତା ହୁଅନ୍ତି। ଓଡ଼ିଆ ଭାଷା ବୁଝିପାରନ୍ତି, କହିପାରନ୍ତି ନାହିଁ ବୋଲି ଆଧୁନିକ ଗୀତ ଗାୟକମାନଙ୍କରେ ସେତେ ଭିଡ ପରିଲକ୍ଷିତ ନ ହୋଇ ଶେଷ ସନ୍ଧ୍ୟାରେ ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକଙ୍କ ଅର୍କେଷ୍ଟ୍ରା ହୋଇଥିବାରୁ ଏକ ପ୍ରକାର ଭିଡ ଜମିଥିଲା।


ମହୋତ୍ସବରେ ଖାଲିଥିବା ଚୌକି।

# ବାର୍‌ହା ଆକ୍ରମଣରେ ୨ ଯୁବତୀ ଗୁରୁତର

ନୂଆପଡ଼ା,୫।୪ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଖରିଆର ରୋଡ଼ ବନାଞ୍ଚଳ ଅଧିନସ୍ଥ କେନ୍ଦୁବାହାରା ପଞ୍ଚାୟତ ଶିରଗିଡି ଗାଁରେ ବାର୍‌ହା ଆକ୍ରମଣରେ ୨ଯୁବତୀ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯୁବତୀ ଦ୍ୱୟ ହେଲେ କେନ୍ଦୁବାହାରା ପଞ୍ଚାୟତ ଶିରଗିଡି ଗାଁର ପୂର୍ଣ୍ଣମୀ ମାଝୀ (୨୫) ଓ ସମଲେଶ୍ୱରୀ ରାଉତ(୨୨)। ଯୁବତୀ ଦ୍ୱୟ ସାଙ୍ଗ ହୋଇ ମହୁଲ ଫୁଲ ଗୋଟାଇବା ପାଇଁ କ୍ଷେତକୁ ଯାଉଥିଲେ। ସେହି ସମୟରେ ହଠାତ ବାର୍‌ହା ପାଖ ଜଙ୍ଗଲରୁ ବାହାରି ସେମାନଙ୍କୁ ଅତର୍କିତ ଭାବରେ ଆକ୍ରମଣ କରିଥିଲା। ଯୁବତୀଙ୍କ ଚିତ୍କାର ଶୁଣି ଲୋକେ ଧାଇଁଆସି ବାର୍‌ହାକୁ ଜଙ୍ଗଲକୁ ଘଉଡାଇ ଯୁବତୀଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଛନ୍ତି। ଖବରପାଇ ଖରିଆରରୋଡ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏମାନେ ଅତି ଗରିବ ଶ୍ରେଣୀ ହୋଇଥିବାରୁ ଚିକିତ୍ସା ଓ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଗୋଁଣ୍ଡ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା


ଗୋଁଣ୍ଡ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୂଆପଡ଼ା,୫।୪ (ମକାରୁ ବେମାଲ)

ଓଡିଶା ପ୍ରଦେଶ ଗୋଁଣ୍ଡ ସମାଜ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ସାକ୍ଷାତ କରାଯାଇ ସମ୍ବର୍ଦ୍ଧନା ଜଣାଯାଇଛି। ମାର୍ଚ୍ଚ ୩୧ରେ ଭୁବନେଶ୍ୱର ଶ୍ରୀବିହାରଠାରେ ଗୋଁଣ୍ଡ ସମାଜ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୨ କୋଟି ଟଙ୍କା ମଞ୍ଜୁର କରି ଥିବାରୁ ଗୋଁଣ୍ଡ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୋଁଣ୍ଡ ସମାଜ ଭାରତର ୧୩ଟି ରାଜ୍ୟ ଓ ଓଡ଼ିଶାର ୨୦ ଜିଲାରେ ବସବାସ କରନ୍ତି। ଭୁବନେଶ୍ୱର ଠାରେ ଏହି ଭବନ ନିର୍ମାଣ ହେଲେ ଏହା ଗୋଁଣ୍ଡ ସମାଜର ଶିକ୍ଷା,ସଂସ୍କୃତି,ଐତିହ୍ୟ ଓ ପରମ୍ପରାର ସଂଯୋଜନା ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ ବୋଲି ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ରାଷ୍ଟ୍ରୀୟ ଅଧ୍ୟକ୍ଷ ଖାମସିଂ ମାଝୀ କହିଛନ୍ତି। ଏହି ସମୟରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଓ ବିଭିନ୍ନ ଜିଲାର ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ପହଞ୍ଚିଲା ପ୍ରଶାସନ: ବିକାଶ ଆଶାରେ କେନ୍ଦୁଗୁଡ଼ା, କନ୍ଦାଗୁଡ଼ା

**ଧରିତ୍ରୀ ପ୍ରଭାବ**

ଥୁଆମୂଳ ରାମପୁର, ୫।୪ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଅତି ଦୁର୍ଗମ କେନ୍ଦୁଗୁଡ଼ା ଏବଂ କନ୍ଦାଗୁଡ଼ା ଗ୍ରାମରେ ଶନିବାର ପହଞ୍ଚିଛି ପ୍ରଶାସନ। ଫଳରେ ବିକାଶର ଆଶା ସଞ୍ଚାର ହୋଇଛି। ଏହି ଗ୍ରାମକୁ କୌଣସି ସରକାରୀ ଅଧିକାରୀ, କର୍ମଚାରୀ ପହଞ୍ଚିବାକୁ ସାହସ କରି ନ ଥିଲେ। ସେଠାରେ 'ଧରିତ୍ରୀ'ର ନିରନ୍ତର ଖବର ପ୍ରସାରଣ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଧରିତ୍ରୀ ପ୍ରତିନିଧି ଏହି ଅପହଞ୍ଚ ଇଲାକାରେ ପହଞ୍ଚି ଲୋକଙ୍କ ଦୁର୍ଦ୍ଦଶାକୁ ଲୋକଲୋଚନକୁ ଆଣିବା ପରେ, ଶେଷରେ ପାହାଡ଼ ଚଢ଼ି ଗ୍ରାମରେ ପହଞ୍ଚିଛି ବ୍ଲକ ଓ ଜିଲା ପ୍ରଶାସନ। ସିନ୍ଧିପଦର ପଞ୍ଚାୟତର ଏହି ଦୁଇଟି ଗ୍ରାମକୁ 'ବାଘଖୋଲା' ପାହାଡ଼ ଚାରିପଟୁ ଘେରି ରଖିଛି। ଏଠାରେ ପ୍ରାୟ ୫୦ଟି ପରିବାରର ୨୫୦ରୁ ଅଧିକ ଲୋକ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ରାସ୍ତା ସାତସପନ ପାଲଟିଥିଲା। ରାସ୍ତା ଅଭାବରୁ ଗ୍ରାମବାସୀ ଆବାସ ଯୋଜନାରେ ଘର ଖଣ୍ଡିଏ କରିବା ପାଇଁ ସାମଗ୍ରୀ ନେଇପାରୁ ନ ଥିବା ବେଳେ କୋମଳମତୀ ଶିଶୁମାନେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ମୁହଁ ଦେଖି ନ ଥିଲେ। ପଞ୍ଚାୟତ ମୁଖ୍ୟାଳୟକୁ ଯିବା ପାଇଁ କୌଣସି ସବୁଦିନିଆ ରାସ୍ତା ନ ଥିବାରୁ ସରକାରୀ ଯୋଜନା ବାଟବଣା ହେଉଥିଲା। ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ବ୍ଲକ ପ୍ରଶାସନର ଏକ ଉଚ୍ଚସ୍ତରୀୟ ଟିମ୍ ଗ୍ରାମ ପରିଦର୍ଶନ କରିଛନ୍ତି। ଏପିଡ଼ିଆର୍‌ଏଚ ଅମୂଲ୍ୟ ବାଉଲ, ଏଇଇ ସାଲଖୁ ହେମ୍ବ୍ରମ, ଜେଇ ପ୍ରତାପ ସାହୁ, ବିପିସି ରାଜେନ୍ଦ୍ର ନାରାୟଣ ଦେବ, ପିଇଓ ବସିଷ୍ଠ ସବର ଓ ଗୋରା ସିଂ ମାଝୀ ଏବଂ ଜିଆର୍‌ଏସ୍ ବୈକୁଣ୍ଠ ଦିଶାରି ପ୍ରମୁଖ ଦୁର୍ଗମ ବଣ ପାହାଡ଼ ରାସ୍ତା ଦେଇ ଗ୍ରାମରେ ପହଞ୍ଚିଥିଲେ। ଅଧିକାରୀମାନେ ଗୋଟି ଗୋଟି କରି ଗ୍ରାମବାସୀଙ୍କ ସହ ତାଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଯେଉଁମାନେ ଭତ୍ତା ପାଉନାହାନ୍ତି ସେମାନଙ୍କ ଦସ୍ତାବେଜ ସଂଗ୍ରହ କରାଯାଇଥିବା ବେଳେ ପ୍ରାୟ ସମସ୍ତ ପରିବାରକୁ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଗ୍ରାମକୁ ଚାଲିଥିବା ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପ୍ରଥମ କରି ଜିଲା ଓ ବ୍ଲକ ପ୍ରଶାସନର ଅଧିକାରୀ, କର୍ମଚାରୀଙ୍କୁ ନିଜ ଗାଁରେ ଦେଖି ଗ୍ରାମବାସୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି। ପୂର୍ବରୁ ବିଡ଼ିଓ ଧ୍ରୁବଚରଣ ମୁଦୁଲି ଏବଂ ସରପଞ୍ଚ ଗୀତାଞ୍ଜଳି ମାଝୀ ମଧ୍ୟ ଏହି ସମସ୍ୟା ଉପରେ ଦୃଷ୍ଟି ଦେଇଥିବା ବେଳେ 'ଧରିତ୍ରୀ'ର ନିରନ୍ତର ସଂଗ୍ରାମ ଆଜି ଅପହଞ୍ଚ ଇଲାକାର ଶତାଧିକ ଲୋକଙ୍କ ମୁହଁରେ ହସଫୁଟାଇ ପାରିଛି।


ଥୁଆମୂଳ ରାମପୁର ବ୍ଲକର କେନ୍ଦୁଗୁଡ଼ା ଗ୍ରାମରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ।

# ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ ଗଠନ ପାଇଁ ଶପଥ

ନୂଆପଡ଼ା,୫।୪ (ମକାରୁ ବେମାଲ)

ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ ପାଇଁ ନୂଆପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ ଲୋକାଭିମୁଖୀ ଅଭିଯାନ ଆରମ୍ଭ ହୋଇ ଏକକ ବ୍ୟବହାର ପ୍ଲାଷ୍ଟିକ ନିଷେଧ ଅଭିଯାନ ଜାରିରହିଛି। ଉକ୍ତ ନିର୍ଦ୍ଦେଶକୁ ଅନୁପାଳନ କରି ପଞ୍ଚାୟତକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ସରପଞ୍ଚ କ୍ଷୀରସିନ୍ଧୁ ଭୋଇଙ୍କ ନେତୃତ୍ୱରେ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ହୀରାଲାଲ ସାହୁ, ଗ୍ରାମରୋଜଗାର ସେବକ ନରସିଂହ ସୁନାନୀ ଓ ଗ୍ରାମର ମହିଳାଙ୍କ ସହ ରଜନା, ବେଲଗାଁ, ମାଠିଆପଦର ଗାଁରେ ସଚେତନତା ବାର୍ତ୍ତା ଦେଇଛନ୍ତି। ଏହାପରେ ଗାଁ ଗାଁର ପ୍ରତ୍ୟେକ ଦୋକାନକୁ ଯାଇ ଦୋକାନୀମାନଙ୍କୁ ଡଷ୍ଟବିନ ପ୍ରଦାନ କରିଥିଲେ। ସେହି ଡଷ୍ଟବିନରେ ଏକକ ବ୍ୟବହାର ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ପକାଇ ପରିବେଶ ସୁରକ୍ଷା କରିବା ସହ ଗାଁ ଓ ରାସ୍ତାଘାଟ ପରିଚ୍ଛନ୍ନ ରଖିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଗାଁରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରି ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ନଳକୂଅ ଚତୁଃପାର୍ଶ୍ୱ ଓ ରାସ୍ତାଘାଟରେ ପଡି ରହିଥିବା ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଏକ ସଭା କରି ପ୍ଲାଷ୍ଟିକମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ଶପଥ ନେଇଥିଲେ।

# ଚମକିଲେ କଳାହାଣ୍ଡିର ପୁଅ

**ଅଭିଲାଷ ଆଇଆଇଏମ୍ ଟପ୍ପର**



ଅତିଥିଙ୍କଠାରୁ ମାନପତ୍ର, ସ୍ୱର୍ଣ୍ଣ ପଦକ ଗ୍ରହଣ କରୁଛନ୍ତି।

ଭବାନୀପାଟଣା,୫।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଚନ୍ଦ୍ରଶେଖର ମହାପାତ୍ର ଓ କଲ୍ୟାଣୀ ମହାପାତ୍ରଙ୍କ ପୁଅ ଅଭିଲାଷ ମହାପାତ୍ର ଆଇଆଇଏମ୍ ବୋଧଗୟାରେ ଏମବିଏରେ ଟପ୍ପର ହୋଇଛନ୍ତି। ଏପ୍ରିଲ ୪ ବୋଧଗୟା ଆଇଆଇଏମ୍ ପରିସରରେ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନେସନାଲ ଷ୍ଟକ ଏକ୍ସଚେଞ୍ଜର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ଚୌହାନ ଓ ସମ୍ମାନିତ ଅତିଥି ଭାବେ ବିହାର ବିଧାନସଭାର ବାଚସ୍ପତି ପ୍ରେମ କୁମାର ଯୋଗ ଦେଇଥିଲେ। ୨୦୨୪-୨୬ ଏମବିଏ ପାଠ୍ୟକ୍ରମରେ ଅଭିଲାଷ ବୋଧଗୟା ଆଇଆଇଏମ୍‌ର ଟପ୍ପର ହୋଇ ଅତିଥିଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଅଭିଲାଷଙ୍କ ଏହି ସଫଳତା ନିମନ୍ତେ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଙ୍ଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଶିକ୍ଷାବିତ୍ ପ୍ରଫେସର ଗୋପବନ୍ଧୁ ବେହେରା, ଡ. ତପନ ରଥ, ଡ. ଦାଶରଥି ଆଚାର୍ଯ୍ୟ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ ସମେତ ଜିଲାର ବହୁ ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଭିଲାଷ ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢ଼ିଥିଲେ। ସିବିଏସି ଯୁକ୍ତ ଦୁଇ ବାଣିଜ୍ୟରେ ସେ ଜିଲାର ଟପ୍ପର ହୋଇଥିଲେ ଓ ତାଙ୍କୁ କଳାହାଣ୍ଡି ଉତ୍ସବରେ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବ ଭାରତୀୟ କମନ ଏନଟ୍ରାନସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ଆଇଆଇଏମ୍‌ରେ ବିବିଏ ଓ ତାପରେ ଏମବିଏ ଅଧ୍ୟୟନ କରି ଟପ୍ପର ହୋଇଛନ୍ତି।

# ବଜ୍ରପାତରେ ଜଣେ ମୃତ,୩ ଗୁରୁତର

ଭବାନୀପାଟଣା/ଜୁନାଗଡ଼,୫।୪ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଲ ଗ୍ରାମରେ ରବିବାର ମଧ୍ୟାହ୍ନରେ ଦୁଃଖଦ ଘଟଣା ଘଟିଛି। ଚାଷ ଜମିରୁ କାମ କରି ଫେରୁଥିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୩ ମହିଳା ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ସଞ୍ଜିତା ବିଶ୍ୱାଳ(୫୬)। ସେହିପରି ଗୁରୁତର ମହିଳାମାନେ ହେଲେ କ୍ଷୀରଦେଇ ପ୍ରଧାନୀ, ସଂଯୁକ୍ତା ଲହଜଲ ଓ ଭୂମିସୂତା ଲହଜଲ। ସମସ୍ତଙ୍କୁ ପ୍ରଥମେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଧିକ ଗୁରୁତର ହେବାରୁ କ୍ଷୀରଦେଇ ଓ ଭୂମିସୂତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବାର୍ ଆସୋସିଏଶନ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଖଡ଼ିଆଳ,୫।୪(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଜୁଡ଼ିସିଆଲ ବାର୍ ଆସୋସିଏଶନ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶପଥ ଗ୍ରହଣ ସଭାରେ ପୂର୍ବତନ ସଭାପତି ପ୍ରତାପ କିଶୋର ଜଗତ ଅଧ୍ୟକ୍ଷତା କରିଥିଲେ। ଶପଥ ଗ୍ରହଣ ଦାୟିତ୍ୱ ନିର୍ବାହ କରିଥିବା ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ମେହେର ଯୋଗଦେଇଥିଲେ। ନୂତନ ସଭାପତି ରୂପେ ଗିରିଧାରୀ ବିଭାର ପଦ ଓ ଗୋପନୀୟତାର ଶପଥ ନେଇ ନିଜ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ କରିଥିଲେ। ସମ୍ପାଦକ ରୂପେ ମନୋରଞ୍ଜନ ରାଉତ, ଉପସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମେହେର, ଯୁଗ୍ମ ସମ୍ପାଦକ ଭାବେ ବିଦ୍ୟୁତ୍‌ପ୍ରଭା ମେହେର, କୋଷାଧ୍ୟକ୍ଷ ଭାବେ ଜୟପ୍ରକାଶ ପଣ୍ଡା, ଲାଇବ୍ରେରି ସମ୍ପାଦକ ବିଶ୍ୱବିଜୟ ସିଂ ବାରିକ ପଦ ଓ ଗୋପନୀୟତାର ଶପଥ ନେଇଥିଲେ।

# ଜାତୀୟ କବାଡ଼ି ଖେଳାଳି ସମ୍ମାନିତ


କବାଡି ଖେଳାଳିଙ୍କୁ ସମ୍ମାନିତ କରାଯାଉଛି।

ନୂଆପଡ଼ା,୫।୪ (ମକାରୁ ବେମାଲ)

ମାରାଗୁଡା ମଞ୍ଚରେ ସମ୍ମାନିତ ହୋଇଛନ୍ତି ଜାତୀୟ କବାଡି ଖେଳାଳି ହରିଶ କୁମାର ଅହିର। ଚଳିତବର୍ଷ ଓଡ଼ିଶା ବରିଷ୍ଠବର୍ଗ କବାଡି ଦଳରେ ଚୟନ ହୋଇ ଗୁଜରାଟର ବାଦୋଦରାଠାରେ ଆୟୋଜିତ ୭୨ତମ ଜାତୀୟ କବାଡି ପ୍ରତିଯୋଗିତାରେ ସାମିଲ ହୋଇ ନୂଆପଡ଼ା ଜିଲା ପାଇଁ ଗର୍ବ ଓ ଗୌରବ ଆଣିଥିଲେ। ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ପଞ୍ଚାୟତ ହାତିସରା ଏକ ଛୋଟ ଗାଁରେ ଜନ୍ମ ଗ୍ରହଣ କରିଥିବା ହରିଶ ଚେମୁଲାଲ ଅହିର ଓ ପାନୋ ଅହିରଙ୍କ ଜ୍ୟୋଷ୍ଠ ପୁତ୍ର। କୋମନା ଡିଗ୍ରୀ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ବିଭାଗରେ ଅଧାପକ ଭାବରେ କାର୍ଯ୍ୟରତ ଅଛନ୍ତି। ପେଶାରେ ଶିକ୍ଷାଦାନ କରିବା, ହେଲେ ନିଶା କବାଡି ଖେଳିବା ସହ ଅନ୍ୟକୁ ପ୍ରେରଣା ଦେଇ ନୂତନ କ୍ରୀଡା ପ୍ରତିଭା ବାହାର କରିବା । କୋମନା ବ୍ଲକରୁ ପ୍ରଥମ ଜାତୀୟ କବାଡି ଖେଳାଳି ହୋଇଥିବାରୁ ତାଙ୍କୁ ଜିଲା ସଂସ୍କୃତି ପରିଷଦ ନୂଆପଡା ତରଫରୁ ଚଳିତ ବର୍ଷର ଶ୍ରେଷ୍ଠ କବାଡି ଖେଳାଳି ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ଥାନୀୟ ନ୍ୟାଶନାଲ ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ ମାରାଗୁଡା ମହୋତ୍ସବ ମଞ୍ଚରେ ଅତିଥିମାନେ ଉପଢୌକନ ପ୍ରଦାନ କରିଛନ୍ତି।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଡ଼ିଆଳ,୫ ।୪(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ଓ ପଛୁଆ ବର୍ଗ ସଂଖ୍ୟାଲଘୁ କଲ୍ୟାଣ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲର ପ୍ରଧାନ ଶିକ୍ଷକ ନରେଶ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ସିଆରସିସି ଚିଚେର କ୍ଲଷ୍ଟର ଦୁର୍ଗା ଚରଣ ପଣ୍ଡା, ଲୀଳା ରାଉତରାୟ, ଖଡ଼ିଆଳ ଡବ୍ଲୁଇଓ ରଜତ କୁମାର ସାହୁ, ସ୍କୁଲ ପରିଚାଳନା ସଭାନେତ୍ରୀ ଚାନ୍ଦା ବିଶି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ମିତାଞ୍ଜଳି ପାତ୍ର ବାର୍ଷିକ ବିବରଣୀ ପଠନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼

ଭବାନୀପାଟଣା,୫।୪(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ପହିଲାରୁ ଜିଲା ପ୍ରଶାସନ ତରଫରୁ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି ଉପଲକ୍ଷେ ରବିବାର ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିରରୁ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଐତିହ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ରମେଶଚନ୍ଦ୍ର ପାଢୀ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଶିକ୍ଷାବିତ ଡ. ଉମେଶଚନ୍ଦ୍ର ଶତପଥିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।


ଗଣଦୌଡର ଶୁଭାରମ୍ଭ କରାଯାଉଛି।

**ଅଷ୍ଟପ୍ରହର ନାମଯଜ୍ଞର ଶୁଭସ୍ତମ୍ଭ ସ୍ଥାପନ**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧ ନିଗମାନନ୍ଦ ବିହାରରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟ କାର୍ଯ୍ୟ ସମାପନ କରିଥିଲେ। ଏହି ଅବସରରେ ଖୋଳ ଓ କରତାଳ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ ଓ ୧୨ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଅଷ୍ଟପ୍ରହର ନାମଯଜ୍ଞରେ ପଡ଼ାବାସୀଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରିଥିବା ବେଳେ ସମସ୍ତ ପଡ଼ାବାସୀ ଉପସ୍ଥିତ ରହିଥିଲେ।

# ଆଦର୍ଶ ବଜାରରୁ ବି ଉଠିପାରିଲାନି ଧାନ

**ଚାଷୀଙ୍କ ଦୁଃଖ**
- ଜିଲା ପ୍ରଶାସନ, ଜନ ପ୍ରତିନିଧିଙ୍କ ଉପରୁ ତୁଟୁଛି ଭରସା
- ଆନ୍ଦୋଳନ ତୀବ୍ର କରିବାକୁ ସଂଗଠିତ ଚାଷୀ ସଂଗଠନ


ଆଦର୍ଶ ବଜାର ଭିତରେ ପଡ଼ିଥିବା ଧାନ।

ବରଗଡ଼,୫।୪(ପ୍ରେମାନନ୍ଦ ଖମାରୀ)

ଆଉ ପ୍ରାୟ ମାସକ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ମାତ୍ର ବିଡ଼ମ୍ବନାର ବିଷୟ ଏପର୍ଯ୍ୟନ୍ତ ବରଗଡ଼ ଜିଲାରେ ରହିଥିବା ବିଭିନ୍ନ ଧାନକ୍ରୟ କେନ୍ଦ୍ର(ମଣ୍ଡି)ରୁ ଖରିଫ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଛି। ଏଥିରୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ ଭେଡ଼େନ ବ୍ଲକର ସହରାଟିକ୍ରାସ୍ଥିତ ଆଦର୍ଶ ବଜାର(ମୋଡେଲ ମାର୍କେଟ୍) ମଧ୍ୟ ବାଦ୍ ପଡ଼ି ନାହିଁ। ଏଠାରେ କେବଳ ୨୫ହଜାରରୁ ୩୦ହଜାର ପ୍ୟାକେଟ୍ ପର୍ଯ୍ୟନ୍ତ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହିଥିବା ଅଞ୍ଚଳର ଚାଷୀମାନେ କହିଛନ୍ତି। ତେବେ ଏହା ସରକାରୀ କଳ କିମ୍ବା ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅଜଣା ଅଛପା ହୋଇ ରହିନାହିଁ। ଏହି ଧାନ ଉଠାଇବା ପାଇଁ ଚାଷୀମାନେ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲାପାଳ ଏବଂ ସ୍ଥାନୀୟ ବିଧାୟକ, ଏମପିଙ୍କଠୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି। କିଛି ସୁଫଳ ନ ମିଳିବାରୁ ଗତ ମାର୍ଚ୍ଚ ୫ତାରିଖରୁ ଅଞ୍ଚଳର ଚାଷୀମାନେ ନିଜ କାମଧନ୍ଦା ଛାଡ଼ି ବାଇକ୍ ଯୋଗେ ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା କରିବା ସହିତ ଦିନରାତି ଧାରଣାରେ ବସିଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ଧାନ ମଣ୍ଡିରୁ ଉଠିବା ତ ଦୂରର କଥା, ଧାରଣାସ୍ଥଳକୁ ଚାଷୀଙ୍କ ସହିତ ଆଲୋଚନା ପାଇଁ ସୁଦ୍ଧା ଅଞ୍ଚଳର ଜନ ପ୍ରତିନିଧି ନ ପହଞ୍ଚିବା ଏବଂ ଜିଲା ପ୍ରଶାସନ ମଧ୍ୟ ଅସହାୟ ହୋଇ ପଡ଼ିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ କାଳବୈଶାଖୀ ପ୍ରଭାବରେ ଥରକୁ ଥର ବର୍ଷା ମାଡ଼ି ଆସୁ ଥିବାରୁ ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ିଥିବା ଧାନର ସୁରକ୍ଷା ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ପ୍ରତିବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଧାନବିକ୍ରି ପଞ୍ଜୀକରଣ ହୋଇଥାଏ। ଏହି କ୍ରମରେ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଗ୍ରାମ ବହଳପାଲି, ଦେହେରୀପାଲି, ସହରାଟିକ୍ରା, ଦେକୁଲବା, ପିପିଲିପାଲି ଆଦି ଗ୍ରାମର ଚାଷୀମାନେ ରେମଣ୍ଡା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଆବଶ୍ୟକ କାଗଜାତ ଦାଖଲ କରି ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ମାତ୍ର ସରକାରୀ କଳର ଅବହେଳା ଯୋଗୁ ଅଞ୍ଚଳର ଅନେକ ଚାଷୀ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି ଏବଂ ସେଥିପାଇଁ ଏବେ ଏଭଳି ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି। ତେବେ ପଞ୍ଜୀକରଣ ତାଲିକାରୁ ସେମାନେ ବାଦ୍ ପଡ଼ିଥିବା ଜାଣିବା ପରଠାରୁ ତା'ର ସମାଧାନ ପାଇଁ ଜିଲାପାଳ, ସ୍ଥାନୀୟ ଜନ ପ୍ରତିନିଧି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇ ଆସିଛନ୍ତି। ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଛନ୍ତି। ସ୍ଥାନୀୟ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ତା'ର ସମାଧାନ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସେହିପରି ଜିଲାରେ ଚାଷୀଙ୍କ ଏଭଳି ସମସ୍ୟାକୁ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ସ୍ୱୀକାର କରି ବିଧାନସଭାରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି। ହେଲେ ଫଳ ଶୂନ। ଅନ୍ୟପଟେ କେତେବେଳେ ପୋଲିସ ହକ୍ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀଙ୍କୁ ଉଠାଇ ନେଉଛି ତ ଆଉକେବେ ଜିଲାପାଳଙ୍କ ଅଫିସରେ ପ୍ରତିବାଦ ସ୍ୱରୂପ ଚାଷୀମାନେ ଗଦା କରିଥିବା ଧାନକୁ ଗାଏବ୍ କରି ଦିଆଯିବା ଭଳି ଘଟଣା ଘଟିଛି।

ତେବେ ରାଜ୍ୟ ସରକାରଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ, ଗତ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାର ଅବଧି ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହି ଅବଧିକୁ ଏପ୍ରିଲ ମାସ ୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଅବଧି ବୃଦ୍ଧି ପାଇବା ପରେ ସେମାନଙ୍କ ଧାନ କିଣାଯିବା ନେଇ ଚାଷୀଙ୍କ ମନରେ ଆଶା, ଉନ୍ମାଦନା ଦେଖାଯାଇଥିଲା। କିନ୍ତୁ ଏହି ଅବଧି ସରିବାକୁ ଆଉମାତ୍ର ୨ ଦିନ ବାକିଥିବା ବେଳେ ଏପର୍ଯ୍ୟନ୍ତ ସେମାନଙ୍କ ଧାନ ଉଠାଯିବା ନେଇ ବିଭାଗୀୟ ସ୍ତରରେ କିଛି ତତ୍ପରତା ପ୍ରକାଶ ପାଇ ନ ଥିବା ଯୋଗୁ ଚାଷୀମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଅପରପକ୍ଷେ ଯେତେଦିନ ପର୍ଯ୍ୟନ୍ତ ବିକ୍ରି ଅପେକ୍ଷାରେ ରହିଥିବା ଧାନକୁ ଉଠା ନ ଯିବ, ସେତେଦିନ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଜାରି ରହିବ ଏବଂ ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।

# ନାଟକ କୁମ୍ଭକର୍ଣ୍ଣ ବଧ ମଞ୍ଚସ୍ଥ


ପରିବେଷିତ ରାମଲୀଳା ନାଟକର ଏକ ଦୃଶ୍ୟ।

**୧୦ମ ଦିନରେ ବୌଦ୍ଧ ରାମଲୀଳା ଯାତ୍ରା**

ବୌଦ୍ଧ,୫।୪(ଅଜିତ କୁମାର ବାରିକ)

ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରା ରବିବାର ୧୦ମ ଦିବସରେ ପହଞ୍ଚିଥିବା ବେଳେ କୁମ୍ଭକର୍ଣ୍ଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟାଭିନୟରେ ଇନ୍ଦ୍ରଜିତର ନାଗଫାଶରୁ ଶ୍ରୀରାମ ଲକ୍ଷ୍ମଣ ମୁକ୍ତି ପାଇବା ପରେ ରାବଣ ଚିନ୍ତାଗ୍ରସ୍ତ ହୋଇପଡିଛି। ରାବଣ ନିଜ ସାନଭାଇ କୁମ୍ଭକର୍ଣ୍ଣକୁ ଯୁଦ୍ଧ ପାଇଁ ଡକାଇଛି। କୁମ୍ଭକର୍ଣ୍ଣ ରାବଣ ନିକଟରେ ପହଞ୍ଚି ଅଦିନରେ ତାର ନିଦ୍ରା ଭଙ୍ଗ କରିବାର ଆବଶ୍ୟକତା ପଡିଲା ବୋଲି ପଚାରିଛି। ରାବଣ ନିକଟରୁ ଭଉଣୀ ସୂର୍ପଣଖାର ନାଶାକର୍ଣ୍ଣ ଛେଦନ, ସୀତା ହରଣ ଓ ଶ୍ରୀରାମ ଲକ୍ଷ୍ମଣଙ୍କ ଲଙ୍କାଗଡ ଆଗମନ ସମ୍ପର୍କରେ ସବୁ ଶୁଣିବା ପରେ ଜ୍ଞାନୀ କୁମ୍ଭକର୍ଣ୍ଣ ଭାଇ ରାବଣକୁ ସୀତାଙ୍କୁ ଫେରାଇଦେବାକୁ ପରାମର୍ଶ ଦେଇଛି। କୁମ୍ଭକର୍ଣ୍ଣ ନିକଟରୁ ପରାମର୍ଶ ଶୁଣି ରାବଣ କ୍ରୋଧିତ ହୋଇ କୁମ୍ଭକର୍ଣ୍ଣକୁ ଭୀରୁ ବୋଲି କହିବା ସହିତ ଧିକାର କରିଛି ଏବଂ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ଯୁଦ୍ଧରେ ତାର ସହାୟତାର କୌଣସି ଆବଶ୍ୟକତା ନାହିଁ ବୋଲି କହିଛି। କୁମ୍ଭକର୍ଣ୍ଣ ଭାଇ ରାବଣଙ୍କୁ ବୁଝାଇବାରେ ବିଫଳ ହୋଇ ଶେଷରେ ଯୁଦ୍ଧଯାତ୍ରା କରିବାକୁ ନିଷ୍ପତ୍ତି ନେଇଛି। ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ଘୋମାଘୋଟ ଯୁଦ୍ଧ ହେବା ପରେ କୁମ୍ଭକର୍ଣ୍ଣର ବଧ ହୋଇଛି। ହୃଦାନନ୍ଦ ମେହେର ନାଟକ ରଚନା କରିଥିବାବେଳେ ଭବାନୀ ଶଙ୍କର ମହାପାତ୍ର ନିର୍ଦ୍ଦେଶନା, ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ଓ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ବିଭିନ୍ନ ଚରିତ୍ରରେ ଶିରିଶ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ଡିଙ୍ଗର ପ୍ରଧାନ, ଜଗଦୀଶ ବାରିକ, ସନ୍ତୋଷ କୁମାର ସାହୁ, ପ୍ରମୋଦ କୁମାର ପ୍ରଧାନ, ଶାନ୍ତନୁ ବେହେରା, ଦିବାକର ଜେନା ଓ ସତ୍ୟଜିତ ମିଶ୍ର ପ୍ରମୁଖ ଅଭିନୟ କରିଥିଲେ।

## ବରପାଲିରେ ବେଆଇନ ଇଟାଭାଟି



ବରପାଲି,୫।୪(ଚିତ୍ତରଞ୍ଜନ ସାହୁ)

ରାଜ୍ୟ ସରକାର ଇଟାଭାଟି ପାଇଁ ଅନୁମତି ଦେଉ ନ ଥିବାବେଳେ ବରପାଲି ଅଞ୍ଚଳରେ ବେଆଇନ ଭାବରେ ଛତୁ ଫୁଟିବା ଭଳି ଇଟାଭାଟି ଚାଲିଛି। ବିଶେଷ କରି ଗ୍ରାମାଞ୍ଚଳରେ ମାଟିରେ ଇଟା ପୋଡ଼ି ବିକ୍ରୟ ହେଉଥିବା ଦେଖାଯାଇଛି। ଯେଉଁ ଗ୍ରାମକୁ ଗଲେ ତିନି ଚାରୋଟି ଏପରି ଇଟାଭାଟି ବେଧଡ଼କ ଭାବରେ ଚାଲିଥିବା ବେଳେ କେତେ ସ୍ଥାନରେ ଇଟାଭାଟି ରାସ୍ତା କଡ଼ରେ ମଧ୍ୟ ଚାଲିଛି। ସାରା ରାଜ୍ୟରେ ଇଟାଭାଟି ବନ୍ଦ ଥିବାବେଳେ କାହା ସାହସରେ ଏଭଳି ବେଆଇନ ଇଟାଭାଟି ଚାଲିଛି ତାହା ତଦନ୍ତ ସାପେକ୍ଷ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼


ଓଡ଼ିଆ ପକ୍ଷ ପାଳନ ଅବସରରେ ବରଗଡ଼ ସହରରେ ଐତିହ୍ୟ ଗଣଦୌଡ଼।

ବରଗଡ଼,୫।୪(ପ୍ରେମାନନ୍ଦ ଖମାରୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପାଳିତ ହେଉଥିବା ଓଡ଼ିଆ ପକ୍ଷର ପଞ୍ଚମ ଦିବସ ରବିବାର ବରଗଡ଼ ସହରରେ ଏକ ବିଶାଳ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳ ୭ଟାରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଯୋଗଦେଇ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର ମିଶ୍ର, ରବିନାରାୟଣ ପଣ୍ଡା, ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ତୁଷାର ମିଶ୍ର, ବରଗଡ଼ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଏବଂ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିଷ ପ୍ରଧାନ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଗଣଦୌଡ଼ରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୪୬୦ରୁ ଅଧିକ ଛାତ୍ରୀଛାତ୍ର, କ୍ରୀଡ଼ାବିତ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ମିନି ଷ୍ଟାଡିୟମରୁ ବାହାରି ଏହି ଗଣଦୌଡ଼ ସହରର ପ୍ରମୁଖ ରାସ୍ତା ଦେଇ ପରିକ୍ରମା କରିଥିଲା।

## ଅଗ୍ରୱାଲ ସଭା ସୋହେଲାର ନୂତନ କର୍ମକର୍ତ୍ତା ମନୋନୀତ

ସୋହେଲା,୫।୪ (ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ଅଗ୍ରସେନ ଭବନଠାରେ ୨୦୨୬/୨୦୨୮ବର୍ଷ ପାଇଁ ଅଗ୍ରୱାଲ ସଭାର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଏକ ସାଧାରଣ ବୈଠକରେ ଚନ୍ଦ୍ର ଅଗ୍ରୱାଲଙ୍କୁ ସଭାପତି, ଉତ୍ତମ ଅଗ୍ରୱାଲ ଏବଂ ରାମ ଅଗ୍ରୱାଲ(ଘେଁସ)ଙ୍କୁ ଉପସଭାପତି, ମୁକେଶ ଅଗ୍ରୱାଲଙ୍କୁ ସମ୍ପାଦକ, ରାହୁଲ ଅଗ୍ରୱାଲ ଏବଂ ବିକି ଅଗ୍ରୱାଲଙ୍କୁ ସହ ସମ୍ପାଦକ, ବବଲୁ କୁମାର ଅଗ୍ରୱାଲଙ୍କୁ କୋଷାଧ୍ୟକ୍ଷ, ଗୋବିନ୍ଦ ଅଗ୍ରୱାଲଙ୍କୁ ଆଇନ ପରାମର୍ଶଦାତା ଭାବେ ସର୍ବସମ୍ମତ କ୍ରମେ ମନୋନୟନ କରାଯାଇଛି। ଏଥିସହ ସମସ୍ତ ପୂର୍ବତନ ସଭାପତିଙ୍କ ସହ ଦିଲୀପ ଅଗ୍ରୱାଲ, ପପ୍ପୁ ଅଗ୍ରୱାଲ, ଗୋପୀ ଅଗ୍ରୱାଲ, ହୀରା ଅଗ୍ରୱାଲ, ଖେମଚନ୍ଦ ଅଗ୍ରୱାଲ, ଡିଲୁ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ମହେନ୍ଦ୍ର କାଂଶଲ, ଗ୍ୟାର୍ସି ଅଗ୍ରୱାଲ, ରମେଶ ଅଗ୍ରୱାଲଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି।

## ସ୍କୁଲ ଫେରିବେ ଅଧାରୁ ପାଠ ଛାଡ଼ିଥିବା ୨ ଛାତ୍ର

ବରଗଡ଼,୫।୪(ପ୍ରେମାନନ୍ଦ ଖମାରୀ)

ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବା ବେଳେ ବରଗଡ଼ ଜିଲାରେ ବିଭିନ୍ନ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ବରଗଡ଼ ରାଣା ପ୍ରତାପ ସ୍କୁଲ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ଫେରାଇ ଆଣିବା ପାଇଁ ସ୍ଥାନୀୟ ନଦୀ ପଡ଼ାରେ ପହଞ୍ଚିଥିଲେ। ସେଠାରେ ଅଧାରୁ ସ୍କୁଲ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଭେଟିଥିଲେ। ସ୍କୁଲ ନ ଆସିବାର କାରଣ ପଚାରି ବୁଝିବା ସହ ଅଷ୍ଟମ ଶ୍ରେଣୀରୁ ପାଠପଢ଼ା ଛାଡ଼ିଥିବା ଛାତ୍ର ସୁରଜ ଭୋଇ ଓ ସପ୍ତମରୁ ପାଠପଢ଼ା ଛାଡ଼ିଥିବା ସାହିଲ ଖାନଙ୍କୁ କାଉନ୍‌ସେଲିଂ କରିଥିଲେ। ଉଭୟ ଛାତ୍ରଙ୍କୁ ସ୍କୁଲ ଫେରାଇ ଆଣିବା ପାଇଁ ସେ ଉଦ୍ୟମ କରିଥିଲେ। ଉଭୟ ଛାତ୍ର ପୁଣି ସ୍କୁଲ ଆସିବେ ବୋଲି ରାଜି ହୋଇଥିବା ସୂଚନା ମିଳିଛି। ଏହି ଅବସରରେ ଉକ୍ତ ପଡ଼ାରେ ଶିକ୍ଷା ସଚେତନତା ସଭା କରି କିପରି ଛାତ୍ରୀଛାତ୍ର ସ୍କୁଲ ଆସିବେ ସେ ବିଷୟରେ ପ୍ରଧାନ ଶିକ୍ଷକ ରଥ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ନୂତନ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କୁ ମଧ୍ୟ ସ୍କୁଲ ଆସିବା ଓ ନିଜ ଝିଅପୁଅଙ୍କ ନାମ ଲେଖାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ସେ ପ୍ରଦାନ କରିଥିଲେ।

## ସ୍କୁଲର ବାର୍ଷିକ ଉତ୍ସବ ପାଳିତ

ପାଇକମାଲ, ୫।୪(ବଢ଼ ଶତପଥୀ)

ମହାମାୟା ପବ୍ଲିକ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଧୁ ନରସିଂହ ଦାସ, ସମ୍ମାନିତ ଅତିଥି ଭାବେ ଜେଏନ୍‌ଭି ପାଇକମାଳ ଅଧ୍ୟକ୍ଷ ଅରବିନ୍ଦ ପାତ୍ର, ପାଇକମାଳ ବ୍ଲକ ଶିକ୍ଷା ଅଧିକାରି ଶୁଭମ କୁମାର ପତି, ବିଦ୍ୟାଳୟର ସମ୍ପାଦକ ଡ. ଟଙ୍କଧର ସାହୁ, ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାହୁ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଯଶୋଦେବ ଭୁଏ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପାଇକମାଳ ଅଞ୍ଚଳର ତିନି ଜଣ ଅବସରପ୍ରାପ୍ତ ଶିକ୍ଷକ ଅନିଲ କୁମାର କାଲିଆ, ହୃଦାନନ୍ଦ ଭୋଇ, ନନ୍ଦଲାଲ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ମଲ୍ଲିକା କୁମାର ଓ କର୍ଣ୍ଣିକା ପ୍ରଧାନ ସଭା ସଞ୍ଚାଳନ କରିଥିଲେ।

# ପଶ୍ଚିମ ଓଡ଼ିଶା, ଛତିଶଗଡ଼ କୁବେର ସମାଜ ଯୁବ ସମ୍ମିଳନୀ



ପାଇକମାଲ, ୫।୪(ବଢ଼ ଶତପଥୀ)

ପାଇକମାଳ ନୃସିଂହନାଥସ୍ଥିତ କୁବେର ପାନ୍ଥଶାଳାଠାରେ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ କୁବେର ସମାଜ ୩ୟ ଯୁବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ଲକ୍ଷ୍ମଣ ସାହୁଙ୍କ ଅଧ୍ୟକ୍ଷତାରେ ପାଇକମାଳ ସାଇର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ସାହୁ ସଭା ପରିଚାଳନା କରିଥିଲେ। ମହାସଭାର ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ସାହୁ, ବଲାଙ୍ଗୀର ଜୋନ ସଭାପତି ବିଜୟ କୁମାର ସାହୁ, ଛତିଶଗଡ଼ ଜୋନ ସଭାପତି ସୁବାସ ସାହୁ, ବରଗଡ଼ ଜୋନ ସଭାପତି ତାରାଚାନ୍ଦ ସାହୁ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ମହାସଭାର ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି କୁବେର ସମାଜ ପଶ୍ଚିମାଞ୍ଚଳ ଓ ଛତିଶଗଡ଼ ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇ ସମାଜ ସଂଗଠନକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରସଙ୍ଗକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାରେ ଉପସଭାପତି ବଳରାମ ସାହୁ, ସମ୍ପାଦକ ଲଳିତ ସାହୁ, ମନୋରଞ୍ଜନ ସାହୁ, ମନୀଷ ସାହୁ, ସୌଦାଗର ସାହୁ, ମନୋଜ ସାହୁ, ରବୀନ୍ଦ୍ର ସାହୁ, ପିଙ୍କୁ ସାହୁ ତଥା ଯୁବାମଞ୍ଚର ଅନେକ ସଦସ୍ୟ ଯୋଗଦେଇ ନିଜ ନିଜ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଯୁବାମଞ୍ଚ ଜୋନାଲ କର୍ମକର୍ତ୍ତା ଚୟନ କରାଯିବା ସହ ଆସନ୍ତା ବରଗଡ଼ ତାଲପାଲିଠାରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ମହାସଭା ବିଷୟରେ ଘୋଷଣା କରାଯାଇଥିଲା। ପାଇକମାଳ ମାତୃମଞ୍ଚ ସଦସ୍ୟାମାନେ ନିଜସ୍ୱ ପାଣ୍ଠିରୁ ଏକ ସାଉଣ୍ଡ ସେଟ ମହାସଭା ସଭାପତିଙ୍କୁ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁରଥ ସାହୁ, ସୁଶାନ୍ତ ସାହୁ, ରିଙ୍କୁସାହୁ, ସୁବ୍ରତ ସାହୁ, ନିଲେଶ ସାହୁ, ସୌମ୍ୟରଞ୍ଜନ ସାହୁ, ଶୁଭରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୭ରେ ଚାଷୀ ସମାବେଶ

ଅତାବିରା, ୫।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରାଠାରେ ଆସନ୍ତା ୭ ତାରିଖ ବିରାଟ ଚାଷୀ ସମାବେଶ ସହ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ବାର୍ଷିକ ସାଧାରଣ ସଭା ପାଇଁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତାବିରା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଭାପତି ବୀରେନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ଭୁବନ ପ୍ରଧାନ ଓ କୁବେର ପ୍ରଧାନ ମଞ୍ଚାସୀନ ଥିଲେ। ଆସନ୍ତା ୭ ତାରିଖ ଅତାବିରା ସ୍ଥିତ ଲାଦରପାଲି ରାମଚଣ୍ଡୀ କଲ୍ୟାଣ ମଣ୍ଡପଠାରେ ହେବାକୁ ଥିବା ବାର୍ଷିକ ସାଧାରଣ ସଭାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଆସି ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ

ଅତାବିରା,୫।୪(ଯୁଧିଷ୍ଠିର ମହାପାତ୍ର)

ଅତାବିରାଠାରେ ହେବାକୁ ଥିବା ହନୁମାନ ଜୟନ୍ତୀ ପାଳନ ପାଇଁ ରବିବାର ସ୍ଥାନୀୟ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ଅତାବିରା ପ୍ରଖଣ୍ଡ ସଭାପତି ମନୀଷ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତାବିରା ବିଧାୟକ ତଥା ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଅଧ୍ୟକ୍ଷ ନୀହାର ମହାନନ୍ଦ ଯୋଗ ଦେଇଥିଲେ। ହନୁମାନ ଜୟନ୍ତୀ ପାଇଁ ସୋମବାର ଅତାବିରା ପାର୍ବତୀ ମନ୍ଦିର ପୋଖରୀରୁ କଳସ ଯାତ୍ରା ଆରମ୍ଭ ହୋଇ ହନୁମାନ ମନ୍ଦିରରେ ସ୍ଥାପିତ କରାଯିବ। ସାମାଜିକ କର୍ମୀ ତଥା ବରଗଡ଼ ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଫକୀର କର୍ଣ୍ଣ ଓ ସନ୍ତୋଷିନୀ କର୍ଣ୍ଣଙ୍କୁ ଏଥିରେ କର୍ତ୍ତାକର୍ତ୍ତ୍ରୀ ଦାୟିତ୍ୱ ବହନ ପାଇଁ ମନୋନୀତ କରାଯାଇଥିଲା। ଆସନ୍ତାକାଲି ସୋମବାରରୁ ୯ ଦିନ ହନୁମାନ ଜୟନ୍ତୀ ଯାଏ ପ୍ରତ୍ୟହ ସନ୍ଧ୍ୟା ୫ଟାରେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ତୁଳସୀ ରାମାୟଣ ନବାହ୍ନ ପାରାୟଣ ଅନୁଷ୍ଠିତ ହେବ। ୧୪ ତାରିଖରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ହନୁମାନ ମନ୍ଦିର ଯାଏ ଏକ ବିରାଟ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବିଭିନ୍ନ କଳାକୃତି ପ୍ରଦର୍ଶନ ହେବ। ଏଥିରେ ଅତାବିରା ନିର୍ବାଚନମଣ୍ଡଳୀର ଭାଜପା ମଣ୍ଡଳ ସଭାପତି, ସ୍ଥାନୀୟ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବଜରଙ୍ଗ ଦଳ, ଆର୍‌ଏସ୍‌ଏସ୍, ହିନ୍ଦୁ ଜାଗରଣ ସମିତି, ବ୍ୟବସାୟିକ ଅନୁଷ୍ଠାନ ପକ୍ଷରୁ କର୍ମକର୍ତ୍ତା ଯୋଗଦେଇ ପ୍ରସ୍ତାବଗୁଡ଼ିକ ଦେଇଥିଲେ। ଏହି ଅବସରରେ ଅଶ୍ୱିନୀ ମେହେର, ପରମେଶ୍ୱର ପଟେଲ, ସୁରେନ୍ଦ୍ର ସ୍ୱାଇଁ, ସତ୍ୟନାରାୟଣ ମିଶ୍ର, ସତୀଶ ଦାଶ ପ୍ରମୁଖ ନିଜ ନିଜ ମନ୍ତବ୍ୟ ଉପସ୍ଥାପନ କରିଥିଲେ।

## ଆମର ସାହିତ୍ୟସେବା ସାଂସ୍କୃତିକ ଅନୁଷ୍ଠାନର ମାସିକ ବୈଠକ

ପଦ୍ମପୁର, ୫।୪(ପ୍ରଦୀପ୍ତ ଦାଶ)

ଆମର ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନର ପ୍ରଥମ ମାସିକ ବୈଠକ ବୁଦୁଡ଼ା ଗ୍ରାମର 'ଆମ ଗାଁ ଆମ ବିକାଶ' ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆବାହକ ପ୍ରଶାନ୍ତ କୁମାର ମେହେର ଭିଡିଓ କଲ ଜରିଆରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେ ଅନୁଷ୍ଠାନକୁ ଆହୁରି ମଜଭୁତ କରିବା ସହ ସମସ୍ତଙ୍କୁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ବୈଠକରେ ରୋଜ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଜଗନ୍ନାଥ ମେହେର, ବେଦବ୍ୟାସ ମେହେର, ଜୟକୃଷ୍ଣ ମେହେର ଓ ଉପେନ୍ଦ୍ର ମେହେର ପ୍ରମୁଖ କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ବୁଦୁଡ଼ା ଗ୍ରାମର ଝାଙ୍କର କ୍ଷୀରନ୍ଦର ବରିହା ଓ ସଂକୀର୍ତ୍ତନ ବାୟକ କେଶବ ସାହୁଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ଓଡ଼ିଆ ନାମଫଳକ ଅଭିଯାନର ଶୁଭାରମ୍ଭ

ବରଗଡ,୫।୪(ପ୍ରେମାନନ୍ଦ ଖମାରୀ)

ଓଡ଼ିଆ ପକ୍ଷ-୨୦୨୬ ପାଳନର ଚତୁର୍ଥ ଦିବସ ଶନିବାର ବରଗଡ଼ ଜିଲାରେ ଓଡ଼ିଆରେ ନାମଫଳକ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ବରଗଡ଼ ସହରରେ ଏକ ସଚେତନତା ପଦଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଅନ୍ୟାନ୍ୟ ପଥ ଦେଇ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାରରେ ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲାରେ ପ୍ରତିଷ୍ଠିତ ହୋଇଥିବା କୌଣସି ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଉତ୍ସାହିତ କରାଯାଇଥିଲା। ଏହାର ବ୍ୟତିକ୍ରମରେ ଜରିମାନାର ବ୍ୟବସ୍ଥା ମଧ୍ୟ ସଚେତନତା ରାଲି ମାଧ୍ୟମରେ ଅବଗତ କରାଯାଇଥିଲା। ଜିଲା ଶ୍ରମ ବିଭାଗ ତରଫରୁ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଜିଲା ଶ୍ରମ ବିଭାଗ ଏବଂ ବରଗଡ଼ ପୌର ପରିଷଦର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।


ଓଡ଼ିଆ ନାମଫଳକ ଅଭିଯାନରେ ସଚେତନତା ପଦଯାତ୍ରା।

# ଓଡ଼ିଆ ପକ୍ଷ ପାଳନରେ ଫ୍ୟାଶନ ଶୋ, ହସ୍ତତନ୍ତ ପ୍ରଦର୍ଶନୀ



ଆମ ପୋଷାକ ଆମ ପରିଚୟ ଅଭିଯାନରେ ଫ୍ୟାଶନ ଶୋ'।

ବରଗଡ଼,୫।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏହି କ୍ରମରେ ଶୁକ୍ରବାର ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ପ୍ରତିଷ୍ଠାନ (ଆଇଆଇଏଚ୍‌ଟି)ରେ ଆମ ପୋଷାକ ଆମ ପରିଚୟ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହିଅବସରରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ ସହ ଏକ ଆକର୍ଷଣୀୟ ଫ୍ୟାଶନ୍ ଶୋ ଏବଂ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବୟନ ଶିଳ୍ପ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଓ ବରିଷ୍ଠ ଅଧ୍ୟାପକ (ଟେକ୍ସଟାଇଲ) ଦେବେନ୍ଦ୍ର କୁମାର ଯାଦବ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଆଇଆଇଏଚ୍‌ଟିର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବୁଣାଯାଇଥିବା ପାରମ୍ପରିକ ଓ ସମ୍ବଲପୁରୀ ପୋଷାକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀକୁ ଅତିରିକ୍ତ ଜିଲାପାଳ ସାହୁ ଉଦ୍‌ଘାଟନ କରିଥିଲେ। ଫ୍ୟାଶନ୍ ଶୋ'ରେ ଛାତ୍ରୀଛାତ୍ରମାନେ ନିଜସ୍ୱ ଭଙ୍ଗୀ ଓ ପ୍ରତିଭା ମାଧ୍ୟମରେ ଓଡ଼ିଶାର ବୟନ ଶିଳ୍ପର ସ୍ୱତନ୍ତ୍ର ପରିଚୟକୁ ସୁନ୍ଦର ଭାବେ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ଆମ ପୋଷାକ ଆମ ପରିଚୟ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି, ଓଡ଼ିଆ ପାରମ୍ପରିକ ପୋଷାକ ପ୍ରତି ଲୋକମାନଙ୍କର ଆକର୍ଷଣ ବଢ଼ାଇବା, ନୂତନ ପିଢ଼ିକୁ ନିଜ ସଂସ୍କୃତି ସହିତ ଯୋଡ଼ିବା ଏବଂ ଦୈନିକ ଜୀବନରେ ଏହାକୁ ଅନୁସରଣ କରିବାକୁ ପ୍ରେରିତ କରିବା। ସେହିପରି ସ୍ଥାନୀୟ ପୋଷାକ ଓ ପରମ୍ପରା ପ୍ରତି ଗର୍ବବୋଧ ସୃଷ୍ଟି କରିବା ମଧ୍ୟ ଏହାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ବୟନ ଶିଳ୍ପ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ ନନ୍ଦୀ କହିଲେ, ଓଡ଼ିଶାର ବୟନ ଶିଳ୍ପ ଆମର ଗର୍ବ କରିବାର ବିଷୟ। ଏହି ଶିଳ୍ପ କୌଣସି ଯନ୍ତ୍ରରେ ନୁହେଁ ବରଂ ବୁଣାକାରର ହସ୍ତକୌଶଳରେ ଚାଲିଥାଏ ଓ ଏହା ଉତ୍କୃଷ୍ଟମାନର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମଟି ଓଡ଼ିଆ ପାରମ୍ପରିକତା ଓ ହସ୍ତଶିଳ୍ପର ସୁନ୍ଦର ପ୍ରଚାର ଏବଂ ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା।

**ସଂକ୍ଷେପରେ**

## ଅଜଣା ଯୁବକଙ୍କ ମୃତଦେହ ଜବତ

କୁଆଁରମୁଣ୍ଡା,୫।୪ (ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱର ଯମୁନାନାକି କେଉଟେନପୋଷ ନିକଟ ଏକ ଢାବା ପଛ ପଟ ଖେଳ ପଡ଼ିଆରେ ଜଣେ ଅଜଣା ଯୁବକଙ୍କ ମୃତ ଶରୀରକୁ ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ପୋଲିସ ଜବତ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୬) ରୁଜୁ କରି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଚନାମା କରି ପୋଲିସ ମୃତକଙ୍କ ପରିଚୟ ଖୋଜୁଛି। ମୃତ୍ୟୁର କାରଣ ଦୁର୍ବଳ ଶରୀରକୁ ଅତ୍ୟଧିକ ମଦ୍ୟପାନ ବୋଲି ପାରିପାର୍ଶ୍ୱିକ ତଦନ୍ତରୁ ପୋଲିସ ଅନୁମାନ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଫାଣ୍ଡି ପୋଲିସ କହିଛି।

## ଅନ୍ଧାରରେ ବରହାଲୁଟା ଗ୍ରାମବାସୀ

ବଡ଼ଗାଁ,୫।୪ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିକିଲିପଡା ପଞ୍ଚାୟତର ବରହାଲୁଟା ଗ୍ରାମରେ ଲାଗିଥିବା ଟ୍ରାନ୍ସଫର୍ମର ପୋଡ଼ି ଯିବାରୁ ସପ୍ତାହେ ହେଲା ଗ୍ରାମବାସୀ ଅନ୍ଧାରରେ ଅଛନ୍ତି। ସୂଚନା ଅନୁଯାୟୀ, ଗତ ମାସ ୨୭ ତାରିଖରେ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ୨୮ ତାରିଖରେ ଗ୍ରାମର ରଞ୍ଜନ ବୁଡ, ଜଲେନ ବୁଡ, ଆନନ୍ଦ ଟପ୍ପୋ, ନିରାକାର ବାଗ, ପ୍ରତିମା ହେରେନ ବଡ଼ଗାଁ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏ ଯାଏ ମରାମତି ହୋଇ ନ ଥିବା ଗ୍ରାମବାସୀଙ୍କଠାରୁ ପ୍ରକାଶ।

## ଅମସରଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନ୍ଦରଗଡ,୫।୪ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଅମସରଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନାମଣି ନାଏକ ଯୋଗଦେଇ ଛୋଟ ସମୟରୁ ନିଷ୍ଠାର ସହିତ ପରିଶ୍ରମ କଲେ ଜୀବନରେ ସଫଳତା ହାସଲ କରିହେବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନ୍ଦର ଲାଲ ପଟେଲ ଯୋଗଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ଛାତ୍ର ଜୀବନରେ ସୁପ୍ତ ଦକ୍ଷତା ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟ ମଞ୍ଜୁଲତା ନାଏକ, ମଝାପଡା ସରପଞ୍ଚ ସୀତା ପ୍ରଧାନ, ବୀରେନ୍ଦ୍ର ଶେଖର ଦେଓ, ଶିକ୍ଷାବିତ ଘନଶ୍ୟାମ ରଣା, ବସନ୍ତ ଶେଖର ଦେଓ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଟେଲ ସଭାପତିତ୍ୱ କରିଥିଲେ। ନବୀନ ସାହୁ ଅତିଥି ପରିଚୟ ଓ ଟଙ୍କଧର ନାଏକ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅବଧି ସରିଲା, କାମ ସରିନି





**ମେଗା ପାନୀୟ ଜଳ ପ୍ରକଳ୍ପ**

- ୧୨୫୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି
- ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

ସୁନ୍ଦରଗଡ,୫।୪ (ଜୟ ନାରାୟଣ ମେଣ୍ଡୁଲି)

ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବା ବେଳେ ସୁନ୍ଦରଗଡ ଜିଲାରେ ଆରମ୍ଭ ହୋଇଗଲାଣି ଜଳ ସଙ୍କଟ ସମସ୍ୟା। ସୁନ୍ଦରଗଡ଼ ଜିଲାର ଗ୍ରାମାଞ୍ଚଳରେ ଲୋକଙ୍କୁ ପାଇପ ଯୋଗେ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗତ ୨୦୨୧ ମସିହାରୁ ଜିଲାର ବିଭିନ୍ନ ସ୍ଥାନରେ ୧୨୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ବିଭିନ୍ନ କାରଣରୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ । ଫଳରେ ଚଳିତ ଗ୍ରୀଷ୍ମ ଋତୁରେ ଏହି ପ୍ରକଳ୍ପରୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବା ଆଶା କ୍ଷୀଣ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଏହି ମେଗା ପାନୀୟ ଜଳ ପ୍ରକଳ୍ପ ସକାଶେ ୨୦୧୯ମସିହାରେ ଟେଣ୍ଡର ଜରିଆରେ ରାଜ୍ୟ ବାହାରର ଏକ ଠିକା ସଂସ୍ଥାକୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦିଆ ଯାଇଛି। ଟେଣ୍ଡର ଚୁକ୍ତିନାମା ଅନୁଯାୟୀ ୨୦୨୧ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବା କଥା। ମାତ୍ର ୨୦୨୬ ମାର୍ଚ୍ଚ ଶେଷସୁଦ୍ଧା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଅବଧି ସରିବାର ୫ବର୍ଷ ପରେ ମଧ ପ୍ରକଳ୍ପ କାର୍ଯ୍ୟ ସରିପାରି ନ ଥିବା ବେଳେ ଲୋକେ ପାଣି ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓମ୍ଫଡିସି ଓ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ହେମଗିର, କୁତ୍ରା, ରାଜଗାଙ୍ଗପୁର ଓ ସୁନ୍ଦରଗଡ ଭଣ୍ଡାରେ ୪ଟି ଓ ୨ଟି ମିନି ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲା। ହୀରାକୁଦ ଜଳଭଣ୍ଡାର ଏବଂ ଜିଲାର ବ୍ରାହ୍ମଣୀ ଓ ଶଙ୍ଖ ନଦୀରୁ ପାଣି ଅଣାଯାଇ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ପାଣିକୁ ବିଶୁଦ୍ଧୀକରଣ କରାଯାଇ ଏଠାରୁ ନିର୍ଦ୍ଧାରିତ ବ୍ଲକ ଗୁଡ଼ିକୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ। ମାତ୍ର ଅନେକ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ବିଭାଗ ପକ୍ଷରୁ ଠିକା ସଂସ୍ଥାକୁ ବାରମ୍ବାର ତାଗିଦ କରାଯିବ ସହ କାର୍ଯ୍ୟ ଅବଧିକୁ ବଢାଇ ଦିଆଯାଇଛି।

ଗ୍ରାମ୍ୟଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇ.ମଧୁସ୍ମିତା ତ୍ରିପାଠୀ କହିଛନ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଛି। ମାତ୍ର ସମ୍ବଲପୁର ଜିଲା ଖିଣ୍ଡା ନିକଟ ହୀରାକୁଦ ଜଳଭଣ୍ଡାରରୁ ଦୀର୍ଘ ୩୪.୫ କିଲୋମିଟର ରାସ୍ତାରେ ପାଇପ ବିଛା କାମ ମଧ ଶେଷ ପର୍ଯ୍ୟାୟରେ। ରାସ୍ତାରେ ରେଳବିଭାଗ ଲାଇନ, ପୂର୍ତ୍ତ ବିଭାଗ, ରାସ୍ତା,ମାର୍କେଟ ଅଞ୍ଚଳ ପଡୁଥିବାରୁ ଓ ଅନ୍ୟାନ୍ୟ କେତେକ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସେହି ବିଭାଗ ଗୁଡିକର ଆବଶ୍ୟକ ପ୍ରଣାଳୀ ଜରିଆରେ ଅନୁମତି ମିଳିବାରେ ବିଳମ୍ବ ହୋଇଥିବାରୁ ପାଇପ ବିଛା କାର୍ଯ୍ୟ ମଧ ବିଳମ୍ବ ଘଟିଛି। ଫଳରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ।

ସେହିପରି କୁତ୍ରା, ରାଜଗାଙ୍ଗପୁରରେ ଏହି ପ୍ରକଳ୍ପ କାର୍ଯ୍ୟ ଗୁଡିକ ପ୍ରାୟତଃ ଶେଷ ହେବା ଉପରେ। ସୁନ୍ଦରଗଡ ଭଣ୍ଡାଠାରେ ହେଉଥିବା ପ୍ରକଳ୍ପକୁ ହୀରାକୁଦ ଜଳ ଭଣ୍ଡାରରୁ ପାଣି ଆସିବ ଓ ଏଠାରୁ ପାଣି ବିଶୁଦ୍ଧିକରଣ କରାଯାଇ ଲେଫ୍ରିପଡା, ଟାଙ୍ଗରପାଲି, ସୁନ୍ଦରଗଡ ସଦର, ସବଡେଗା, ବାଲିଶଙ୍କରା ଓ ବଡଗାଁକୁ ପାଣି ଯୋଗାଇ ଦିଆଯିବ। ଏହି ୬ଟି ବ୍ଲକର ୮୪ଟି ପଞ୍ଚାୟତ ୪୨୧ ଟି ଗାଁର ୧୦୯୧୩୭ଟି ପରିବାରକୁ ପିଇବା ପାଣି ଯୋଗାଇ ଦିଆଯିବ। ସେହିପରି ହେମଗିର ବ୍ଲକ ପାଇଁ ମଧ ଏକ ପ୍ରକଳ୍ପ ଜରିଆରେ ହୀରାକୁଦ ଜଳଭଣ୍ଡାରରୁ ପାଣି ଯୋଗାଇ ଦିଆଯିବ। ଏଠାରୁ ହେମଗିର ବ୍ଲକର ୩୦ଟି ଗ୍ରାମ ପଞ୍ଚାୟତର ୧୫୮ଟି ଗାଁର ୨୬୨୯୭ ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯିବ। ରାଜଗାଙ୍ଗପୁର ବ୍ଲକର ମେଗା ପ୍ରକଳ୍ପରୁ ବ୍ଲକର ୧୩ଟି ପଞ୍ଚାୟତର ୩୭ଟି ଗାଁ ର ୧୨୦୭୭ଟି ପରିବାରକୁ ପିଇବା ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। କୁତ୍ରା ମେଗା ପ୍ରକଳ୍ପରୁ ବ୍ଲକର ୧୯ଟି ପଞ୍ଚାୟତର ୭୯ ଗାଁ ର ୧୮୩୪୦ଟି ପରିବାରଙ୍କୁ ପିଇବା ପାଣି ଯୋଗାଇ ଦେବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ ରହିଛି।

## କୁତ୍ରାରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ



କୁତ୍ରା,୫।୪ (ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅବସରରେ କୁତ୍ରା ବିଡିଓ ଗୋପିନାଥ ଖାଖା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କୁ ଶିକ୍ଷା ଜୀବନର ପ୍ରଥମ ପଦକ୍ଷେପ ନେବାକୁ ପ୍ରେରିତ କରିଥିଲେ। ସେ କହିଥିଲେ ଯେ, ଶିକ୍ଷା ହେଉଛି ଜୀବନର ସର୍ବଶ୍ରେଷ୍ଠ ସମ୍ପଦ। ଯାହା ଦ୍ୱାରା ଶିଶୁମାନେ ଆଗାମୀ ଦିନରେ ସଫଳ ନାଗରିକ ହୋଇପାରିବେ। ମୁଖ୍ୟ ବକ୍ତା ଭାବେ ତହସିଲଦାର ସାସ୍ୱତ ରଞ୍ଜନ ଦାସ ଯୋଗଦେଇ ଶିଶୁମାନଙ୍କୁ ପାଠପଢ଼ା ପ୍ରତି ଆଗ୍ରହୀ ହେବା ସହ ଅଭିଭାବକମାନଙ୍କୁ ସେମାନଙ୍କର ସମଗ୍ର ଉନ୍ନତି ପାଇଁ ସଚେତନ ହେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନିକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ, ଏବିଇଓ ନିରଞ୍ଜନ ରାଉଳ ଓ ସିଆରସିସି କ୍ଷଣପ୍ରଭା ମାର୍ଥା, ସୁଦିପ୍ତ ବେହେରା, ତପନ କୁମାର ସେଠୀ, ରାଜେଶ ବେହେରା, ବୈଦ୍ୟନାଥ ଜୟପୁରିଆ ଯୋଗଦେଇଥିଲେ। ଏହି ଅବସରରେ ନବପ୍ରବେଶ ଶିଶୁମାନଙ୍କୁ ପୁସ୍ତକ ଫୁଲ ଓ ଚକୋଲେଟ ଦେଇ ସ୍ୱାଗତ କରାଯାଇଥିଲା ଏବଂ ଖଡ଼ିଛୁଆଁ ରୀତିରେ ସେମାନଙ୍କର ଶିକ୍ଷା ଜୀବନର ଶୁଭାରମ୍ଭ କରାଯାଇଥିଲା। ସଭାକାର୍ଯ୍ୟକୁ ଶିକ୍ଷକ ଧୃତି ସୁନ୍ଦର ସାହୁ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଦିପିକା କେର୍କେଟା, ସୁନିତା ପଟେଲ, ବିଦ୍ୟୁତ୍ ପ୍ରଭା ସ୍ୱାଇଁ ଓ ସଙ୍ଗୀତା ଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ପ୍ରବେଶ, ଖଡ଼ିଛୁଆଁ ଉତ୍ସବ



ପିଲାଙ୍କୁ ଶିକ୍ଷକ ଖଡି ଛୁଆଁଉଛନ୍ତି।

ଲହୁଣୀପଡା,୫।୪ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରବିବାର ବଡ଼ ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ତାଳବାହାଲି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ବଡ଼ ପୁରୁଣାପାଣି ପଞ୍ଚାୟତ ସରପଞ୍ଚ ଚାଙ୍ଗ ଓରାମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏମ୍ଆଇଏସ୍ ଶିବ ପ୍ରସାଦ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୈତାରି ନାଏକ, ସିଆର୍ସିସି ହିମାଂଶୁ ଶେଖର ବେହେରା ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରହରି କିଷାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଉମେଶ ଚନ୍ଦ୍ର ମାହାନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ନୂତନ ଭାବେ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରିବା ସହିତ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହା ସହିତ ଅତିଥିମାନେ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶେଷରେ ବାମିଆ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଜନା ତ୍ରିପାଠୀ, ବସନ୍ତ କୁମାର ମିଶ୍ର, ଶିବରାଜ ରାୟପ୍ରସାଦ, ଲାଲି ପାତ୍ର, ଉପେନ୍ଦ୍ର କିଷାନ, ଦିଲୀପ କିଷାନ, ଦିବାକର ମାହାନ୍ତଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟ ଓ ଅଭିଭାବିକା ଅଭିଭାବକମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ପ୍ରଦେଶ ଗୋଣ୍ଡ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ବେଳେ ମନ୍ତ୍ରୀ ରବିନାରାୟଣ ନାଏକ ଓ ଗୋଣ୍ଡ ସମାଜର ପଦାଧିକାରୀମାନେ।

ସୁନ୍ଦରଗଡ଼,୫।୪ (ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଶା ପ୍ରଦେଶ ଗୋଣ୍ଡ ସମାଜ ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଣ୍ଡ ସମାଜର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ କି,ଗତ ୩୧/୩/୨୦୨୬ରେ ଭୁବନେଶ୍ୱର ସ୍ଥିତ ଶ୍ରୀବିହାର ଠାରେ ଗୋଣ୍ଡ ସମାଜ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମାଝୀ ୨କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ମଞ୍ଜୁର କରିଥିବାରୁ ଗୋଣ୍ଡ ସମାଜ କୃତଜ୍ଞତା ଜଣାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତ ରାଜ, ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାଏକ, ଅଖିଳ ଭାରତୀୟ ଗୋଣ୍ଡ ଓ୍ୱାନା ଗୋଣ୍ଡ ସମାଜର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଖାମ ସିଂ ମାଝୀ ତଥା ବିଭିନ୍ନ ଜିଲାର ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସଫେଇ ସୁପରଭାଇଜରଙ୍କୁ ବନ୍ଧକ, ଯୁବକ ଗିରଫ

ରାଉରକେଲା,୫।୪ (ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅଧୀନ କଛଡ଼ା ପୁଲିଆ ନିକଟରେ ଇସ୍ପାତ କାରଖାନା ଆଶ୍ ପଣ୍ଡରେ ଶନିବାର ସକାଳେ ସଫେଇ କାର୍ଯ୍ୟ ବେଳେ ଉପସ୍ଥିତ ସୁପରଭାଇଜରଙ୍କୁ କାମ ବନ୍ଦ କରିବା, ବଟି ମାଗିବା ତଥା ଏକ ଘରେ ୩ଘଣ୍ଟାରୁ ଊର୍ଦ୍ଧ୍ୱ ବନ୍ଧକ ରଖିବା ଅଭିଯୋଗରେ ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶାଳ ନାୟକ(୨୮)। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୪/୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟ ସମ୍ପୃକ୍ତମାନେ ଫେରାର ଅଛନ୍ତି।

## ଗୋ ମାଂସ କାଟିବା ଅଭିଯୋଗରେ ୨ ଗିରଫ

ରାଉରକେଲା,୫।୪ (ସଙ୍ଗୀତା ଜେନା)

ଟାଙ୍ଗରପାଲି ଥାନା ଅଞ୍ଚଳରେ ଗୋ ମାଂସ କାଟିବା ଅଭିଯୋଗରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରମୁଣ୍ଡାର ପ୍ରକାଶ ମିଞ୍ଜ(୪୪) ଓ ବୁରୁଡ଼ିର ସମା ମାଝୀ(୩୦)। ଏ ନେଇ ପୋଲିସ ଏକ ମାମଲା (ନଂ. ୭୪/୨୬) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଗୋ ମାଂସ ଜବତ ହୋଇଛି।

## ବର୍ଷା ପବନରେ ଭାଙ୍ଗିଲା ଗଛ

ବଡ଼ଗାଁ,୫।୪ (ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ହୋଇଥିବା ବର୍ଷା ପବନ ଯୋଗୁ କେତେକ ଗ୍ରାମରେ ଗଛ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି। ମନୋହରପୁର ଗ୍ରାମର ଭଣ୍ଡାରପଡାରେ ଥିବା ମନମୋହନ ନାଏକ, ଗୀତାଞ୍ଜଳି ନାଏକ ଓ ଗୁଣବନ୍ତ ନାଏକଙ୍କ ୬ ଟି ଗଛ ଭାଙ୍ଗିଯାଇଛି। ଏହିପରି ଆଉ କେତେକ ଗ୍ରାମରେ ଗଛ ଭାଙ୍ଗି ଥିବା ଜଣାପଡିଛି।

## ବିଜୟ ସଭାପତି, ବିଶ୍ୱରଞ୍ଜନ ସାଧାରଣ ସମ୍ପାଦକ

**ବେଦବ୍ୟାସ ଟ୍ରକ ମାଲିକ ସଂଘ ନିର୍ବାଚନ**



ବିଜୟୀ କର୍ମକର୍ତ୍ତା ଉତ୍ସବ ପାଳନ କରୁଛନ୍ତି।

ରାଉରକେଲା,୫।୪ (ସଙ୍ଗୀତା ଜେନା)

ବେଦବ୍ୟାସ ଟ୍ରକ ମାଲିକ ସଂଘ ନିର୍ବାଚନ ରବିବାର ଶେଷ ହୋଇଛି। ବେଦବ୍ୟାସରେ ଅନୁଷ୍ଠିତ ଉକ୍ତ ନିର୍ବାଚନରେ ମୋଟ ୧୫୧ ଭୋଟରଙ୍କ ମଧ୍ୟରୁ ୧୩୬ ଜଣ ମତଦାନ କରିଥିଲେ। ଏଥିରେ ସଭାପତି ଭାବେ ବିଜୟ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ସେହିପରି ମନୋଜ ସିଂ ଉପସଭାପତି, ବିଶ୍ୱରଞ୍ଜନ ବେଉରା ସାଧାରଣ ସମ୍ପାଦକ, ବିଜୟ ଚୌଧୁରୀ ଯୁଗ୍ମ ସମ୍ପାଦକ ଏବଂ ଦିନେଶ ସାହ କୋଷାଧ୍ୟକ୍ଷ ଭାବେ ବିଜୟୀ ହୋଇଥିଲେ। ପୂର୍ବାହ୍ନ ୧୦ଟାରେ ଭୋଟଦାନ ହୋଇଥିବା ବେଳେ ଅପରାହ୍ନରେ ଫଳ ପ୍ରକାଶିତ ହୋଇଥିଲା। ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ଦୁବେ, ବିଶ୍ୱନାଥ ଦେ, ପ୍ରଦୀପ ଦାସ, ସଞ୍ଜୀବ ସିଂ, ତରୁଣ ଚରଣ, ଦୀପକ ସିଂ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚନ ଫଳାଫଳ ପ୍ରକାଶନ ପରେ ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ ହୋଇଥିଲା।

## ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଆହତ ଦନ୍ତାର ଚିକିତ୍ସା

କୁଆଁରମୁଣ୍ଡା, ୫।୪ (ମହେନ୍ଦ୍ର କୁମାର ସାହୁ)

ଗତ କିଛିଦିନ ତଳେ ସାରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ବିଛା ଯାଇଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଏକ ଦନ୍ତା ଆହତ ହୋଇଥିଲା। ସେହି ଦନ୍ତାର ପଛ ପଟ ବାମଗୋଡ ପାଦ ଗୁରୁତର ହୋଇଥିବାରୁ ହାତୀଟି ଅସୁସ୍ଥ ହୋଇପଡିଛି। ହାତୀର ଚିକିତ୍ସା ପରେ ଏବେ ସେହି ହାତୀ କୁଆଁରମୁଣ୍ଡା ବନ ରେଞ୍ଜ ଅଞ୍ଚଳର କଚାରୁ ବନାଞ୍ଚଳରେ ଆଶ୍ରୟ ନେଇଛି। ଉକ୍ତ ହାତୀକୁ ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟରେ ସ୍ୱତନ୍ତ୍ରଭାବେ ନିଯୁକ୍ତ ପ୍ରାଣୀ ଚିକିତ୍ସକ ଗୋଷ୍ଠୀ ଡିଏଫଓ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଚିକିତ୍ସା ଜାରି ରଖିଛନ୍ତି। ଏନେଇ କୁଆଁରମୁଣ୍ଡା ବନ ରେଞ୍ଜର ପଞ୍ଚ ନାରାୟଣ ସରାଫ ସୂଚନା ଦେଇଛନ୍ତି। ଏହାସହ ଉକ୍ତ ଅସୁସ୍ଥ ହାତୀର ଗତିବିଧି ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଛି ଓ ବନାଞ୍ଚଳ ଗ୍ରାମବାସୀ ଉକ୍ତ ହାତୀକୁ କୌଣସି ପ୍ରକାରେ ହଇରାଣ ନ କରିବା ପାଇଁ ମଧ ସେମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ରେଞ୍ଜର ସରାଫ କହିଛନ୍ତି।

## ସଦାନନ୍ଦଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ସୁନ୍ଦରଗଡ, ୫।୪ (ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ବୀରମିତ୍ର କ୍ଲବ ଘରଠାରେ ବିଶିଷ୍ଟ ଅଧ୍ୟାପକ ଡ. ଶିଶିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ଅନେକ ବୁଦ୍ଧିଜୀବୀ, ଗାଳ୍ପିକ, ଲେଖକ ଯୋଗଦେଇ ସଦାନନ୍ଦ ତ୍ରିପାଠୀଙ୍କ ସାରସ୍ୱତ ଜୀବନ ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗାଳ୍ପିକ ରାଜୁ ଷଡ଼ଙ୍ଗୀ ସୁନ୍ଦରଗଡ ସହ କିପରି ସ୍ୱର୍ଗତ ତ୍ରିପାଠୀ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ ସେ ସମ୍ପର୍କରେ ସେ ନିଜ ବକ୍ତବ୍ୟରେ କହିଥିଲେ। ତାଙ୍କର ପ୍ରତ୍ୟେକ ଗପ ପାଠକମାନଙ୍କୁ ଏକ ଅପୂର୍ବ ଭାବ ଜଗତକୁ ଟାଣି ନେଇଥାଏ। ଯୁବ ଗାଳ୍ପିକ ବିବିଧ ବିଶ ତାଙ୍କ ସ୍ମୃତିଚାରଣ କରି କହିଥିଲେ, ସେ ଆମ ନବ ତଥା ଯୁବ ଲେଖକ ମାନଙ୍କ ପାଇଁ ଅସରନ୍ତି ପ୍ରେରଣାର ଉତ୍ସ। ଜଣେ ଯୁବ ଲେଖକ କିପରି ଆଗକୁ ଭଲ ଲେଖି ପାରିବ, ସେଥିପାଇଁ ସେ ଗପ ପଢ଼ି ନିଜ ହାତରେ ଚିଠି ଲେଖି ମତାମତ ଦେଉଥିଲେ। ଜଣେ ବରିଷ୍ଠ ଲେଖକଙ୍କ ଏପରି ଉଦ୍ୟମ ବିରଳ। ତାଙ୍କର ପ୍ରତ୍ୟେକ ଗଳ୍ପ ସଂକଳନ ଅନନ୍ୟ। ସତୀ ଗଳ୍ପ ସଙ୍କଳନ ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ 'ଅନ୍ୟ ଏକ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁପରେ' ଏକ ମାଷ୍ଟର ପିସ ଗଳ୍ପ ସଙ୍କଳନ। ଗୀତିକାର ଗୋପାକୃଷ୍ଣ ନାୟକ ତାଙ୍କ ବକ୍ତବ୍ୟରେ ସଦାନନ୍ଦ କେବେ ନିଜର ପୀଡ଼ା ଅନ୍ୟଠାରେ ବିଜ୍ଞାପିତ କରି ନାହାନ୍ତି। ସାହିତ୍ୟରେ ନୂଆ ନୂଆ ପରୀକ୍ଷା କରିବାରେ ସେ ଥିଲେ ଧୁରନ୍ଧର। ରାଉରକେଲା ଓ ସୁନ୍ଦରଗଡରେ ସେ ଥିଲେ ଲେଖକ ସମାଜର କେନ୍ଦ୍ରବିନ୍ଦୁ । ପ୍ରଫେସର ଶିଶିର ସାହୁ ନିଜ ଅଭିଭାଷଣରେ କହିଥିଲେ, ଏମିତି ବ୍ୟକ୍ତିତ୍ୱ ଆଜି ବିରଳ। ସାହିତ୍ୟ ପାଇଁ ନିଜର ସବୁ କିଛି ଉତ୍ସର୍ଗ କରି ଦେଇଥିଲେ ସେ। ଜଣେ ସଚ୍ଚୋଟ ସାହିତ୍ୟର ଜୀବନ ଜିଉ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସୁଷମା ପଟେଲ, ଉଦିତ ନାୟକ, ଶ୍ୟାମ ପ୍ରସାଦ ମିଶ୍ର, ପୁଷ୍ପଲତା ପାଣିଗ୍ରାହୀ, ମୀନାରାଣୀ ସହାୟ, ସୌମ୍ୟ ମହାକୁଡ଼, ବୁଲୁ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ବର୍ବ ପ୍ରଥମେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠ ହୋଇଥିଲା।

## ଐତିହ୍ୟ ସ୍ଥଳର ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା

**ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ**



ଗଣ ଦୌଡ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୫।୪ (ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଆ ପକ୍ଷ ପାଳନର ୫ମ ଦିନରେ ରବିବାର ଐତିହ୍ୟ ସ୍ଥଳୀ ଗୁଡ଼ିକର ସୁରକ୍ଷା ଓ ଯୁବ ପୀଢ଼ିଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲା କ୍ରୀଡ଼ା ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିକାଶ ଭବନ ପରିସରରୁ ନୂତନ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ପୂର୍ବତନ ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ଏବଂ ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ, ଜିଲା କ୍ରୀଡା ବିଭାଗର ବିଭିନ୍ନ ପ୍ରଶିକ୍ଷକ, କର୍ମଚାରୀ ତଥା ସମାଜସେବୀମାନେ ଯୋଗ ଦେଇଥିଲେ। ଏଥିରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, କ୍ରୀଡା ହୋଷ୍ଟେଲର ଛାତ୍ରୀଛାତ୍ର ଏବଂ ଭବାନୀ ଶଙ୍କର ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ର ମାନେ ଅଂଶ ଗ୍ରହଣ କରି ସମସ୍ତ ଐତିହ୍ୟ ସ୍ଥଳ ଗୁଡ଼ିକର ସୁରକ୍ଷା ନିମନ୍ତେ ସଚେତନତାର ବାର୍ତ୍ତା ଦେଇଥିଲେ।

**ଗାଁ କଟାରୁ ମାଛ ଚୋରି ଅଭିଯୋଗ**

ରେଢ଼ାଖୋଲ,(ସନ୍ତୋଷ ବଘାର): ସମ୍ବଲପୁର ରେଢ଼ାଖୋଲ ଥାନା ବଡବାହାଲ ପଞ୍ଚାୟତ ଅନ୍ତର୍ଗତ ଲଇଣ୍ଡାମାଲ ଗ୍ରାମ କଟାରୁରୁ ମାଛ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଲଇଣ୍ଡାମାଲ ଗ୍ରାମର ମା' ବିନ୍ଧ୍ୟାବାସିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମରେ ଥିବା କଟାକୁ ଟେଣ୍ଡର ଆକାରରେ ପାଇ ଚଳିତବର୍ଷ ପ୍ରାୟ ୨ ଲକ୍ଷ ଟଙ୍କାର ମାଛ ଜାଆଁଳ ଛାଡିଥିଲେ। ମାଛର ଖାଦ୍ୟ ଏବଂ ରକ୍ଷଣା ବେକ୍ଷଣ ଦାୟିତ୍ୱ ସଂଘ ପକ୍ଷରୁ କରାଯାଉଥିଲା। ମାତ୍ର ଶନିବାର ରାତିରେ ଗ୍ରାମର ଦୁଇଜଣ ବ୍ୟକ୍ତି ଜାଲ ପକାଇ ମାଛ ମାରୁଥିବା ବେଳେ ସଂଘ ସଦସ୍ୟା ଏବଂ କଟାକୁ ରାତିରେ ଜଗି ରହୁଥିବା ଜଗୁଆଳିମାନେ କୌଣସିମତେ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ଶିବିରରେ ୪୧ ୟୁନିଟ ରକ୍ତ ସଂଗ୍ରହ

ସମ୍ବଲପୁର,୫।୪(ବି.ଶଙ୍କର)

ପ୍ରୟାସ ପରିବାର ପକ୍ଷରୁ ରକ୍ତଦାନ ଶିବିର ରବିବାର ସକାଳ ୯ଟାରେ ସମ୍ବଲପୁର ସହରସ୍ଥିତ ଫ୍ରେଜର ପରିସରରେ ଆୟୋଜିତ ହୋଇଛି। ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରି ଅତିଥିଭାବେ ଯୋଗଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ପ୍ରୟାସ ପରିବାର ଉପଦେଷ୍ଟା ସମୀର ରଞ୍ଜନ ବାବୁ, ରାମଦାସ ପଣ୍ଡା, ସୁଧିରଞ୍ଜନ ବହିଦାର, ଶିଶିର ବହିଦାର ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଭାସ୍କର ଭଟ୍ଟାଚାର୍ଯ୍ୟ ଓ ସୁପ୍ରିତ ଠେଲାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ପରିଚାଳନାରେ ଫ୍ରେଜର କ୍ଲବ ସଭାପତି ହରପ୍ରସାଦ ଜେନା, ସମ୍ପାଦକ ସୁବ୍ରତ ବକ୍ସି, ସତ୍ୟମାନବ ପଟ୍ଟନାୟକ, ସତ୍ୟନାରାୟଣ ପରିଡା ସହଯୋଗ କରିଥିଲେ। ଶିବିରରେ ୪୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରୀ ଡ. କଲ୍ଲେଶ କଦ୍ଧଡ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ପ୍ରୟାସ ପରିବାର ସଭାପତି ସ୍ୱୟଂଜିତ ପଟ୍ଟନାୟକ, ସମ୍ପାଦକ ରାଜକୁମାର ଜାଲ, ଅଭୟ ପ୍ରଧାନ, ମାନସ ବକ୍ସି, ମହେନ୍ଦ୍ର ବର୍ଗତ୍ତି,ପ୍ରବୀଣ ସୁପକାର, ସୌରଭ ଛତ୍ରପାଳ, ନିତିଶ ଗୁରୁ, ସନ୍ତୋଷ ବେହେରା, ମଞ୍ଜୁଲତା ସାମନ୍ତରାଏ, ସଙ୍ଗିତା ମୁଣ୍ଡା, ନିମିତା ପାଣ୍ଡେ, ସୁଦାମ ତ୍ରିପାଠୀ, ରାସିଦ ରାଜା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

### ପର୍ଶୁରାମ ଜୟନ୍ତୀ ପାଇ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୫।୪(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡାରେ ପର୍ଶୁରାମ ଜୟନ୍ତୀ ପାଇଁ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଭବନରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତପନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୧୯ତାରିଖରେ ହେବାକୁ ଥିବା ଜୟନ୍ତୀ ଉତ୍ସବକୁ ପାଳନ ନିମନ୍ତେ ଆଲୋଚନା ହୋଇଥିଲା। ଏଥିପାଇଁ ମନ୍ଦିର ଛକ ଜଗନ୍ନାଥ ମନ୍ଦିରରଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ପର୍ଶୁରାମ ଭବନରେ ପହଞ୍ଚିବ। ପରେ ଏକ ସାଧାରଣ ସଭା ହେବାର ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି। ସାଂସ୍କୃତିକ ଶୋଭାଯାତ୍ରାରେ ଗଉରବାଡି, ଦୁଲଦୁଲି, ଘଣ୍ଟବାଦ୍ୟ ଆଦି ସାମିଲ କରାଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ପିଙ୍କୁ ପାଣି, ପିୟୁଷ ମହାପାତ୍ର, ପ୍ରତାପ ଶର୍ମ୍ମା, ରୋଶନ ଶର୍ମ୍ମା, ସିମନ ଦ୍ୱିବେଦୀ, ରାଜେଶ ଶର୍ମ୍ମା, ଭୁବନେଶ୍ୱର ଶର୍ମ୍ମା, ଶ୍ରୀକାନ୍ତ ପଣ୍ଡା, ସୂର୍ଯ୍ୟ ନାରାୟଣ ମହାପାତ୍ର, ସୌରଭ କର, ଜିତେନ୍ଦ୍ର ମିଶ୍ର, ପ୍ରକାଶ ପୂଜାରୀ, ପ୍ରଶାନ୍ତ ଶର୍ମ୍ମା, ଦିନେଶ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ, ଖଡିଛୁଆଁ

ରେଢ଼ାଖୋଲ,୫।୪(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ପିଏମଶ୍ରୀ ଖନ୍ଦାଡ଼ିପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ମୁଖ୍ୟଦ୍ୱାରରେ ଅତିଥିମାନଙ୍କ ଗହଣରେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ତପ୍ରରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯାଜ୍ଞସେନୀ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ଦ୍ୱାରା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରେଢ଼ାଖୋଲ ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜିତ କୁମାର ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯାଜ୍ଞସେନୀ ନାୟକ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ଆଲୁମ୍ନି କମିଟି ସଭାପତି ଗଣେଶ୍ୱର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂଦେଓ, କାଉନସିଲର ଅମରେଶ ପ୍ରଧାନ, ଜୁଲିରାଣୀ ବେହେରା, ଏନ୍ଏସି ସିଆରସିସି ବିଦ୍ୟାଧର ପ୍ରଧାନ ମଞ୍ଚାସୀନ ହୋଇ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଅନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ରୋହିଣୀ ପୋଡ଼ ଓ ସରିତା ବେହେରାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଶିକ୍ଷଣ ଷ୍ଟଲ ବୁଲି ଦେଖିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ରାଜଶ୍ରୀ ମହାନ୍ତି, ଗୀତାଞ୍ଜଳି ମହାକୁଡ଼, ସୁଜାତା ମହାପାତ୍ର, ପ୍ରମିଳା ମହାରଣା ଉପସ୍ଥିତ ଥିଲେ।

# ୧୦ରେ ବାଇକ୍ ରାଲି, ୧୪ରେ ମୁଖ୍ୟ ଶୋଭାଯାତ୍ରା

**ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ**

- ଜୟନ୍ତୀ ପାଇଁ ଆଜିଠାରୁ ଚାଏ-ପେ-ଚର୍ଚ୍ଚା ଜନ ସମ୍ପର୍କ ଅଭିଯାନ
- ମୁଖ୍ୟ ଶୋଭାଯାତ୍ରାରେ ସାମିଲ ହେବ ୧୮ ସାଂସ୍କୃତିକ ଦଳ

ସମ୍ବଲପୁର,୫।୪(ପ୍ରମୋଦ ବହିଦାର)



ହନୁମାନ ଜୟନ୍ତୀ ପାଳନ ସମ୍ପର୍କରେ ସମନ୍ୱୟ ସମିତି ସଭାପତି ବିଧାୟକ ଜୟନାରାୟଣ ମିଶ୍ର ସୂଚନା ଦେଉଛନ୍ତି।

ସମ୍ବଲପୁରରେ ଚଳିତ ବର୍ଷ ହନୁମାନ ଜୟନ୍ତୀକୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ରବିବାରଠାରୁ ଚାଏ-ପେ-ଚର୍ଚ୍ଚା ଜନ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି ବୋଲି କହିଛନ୍ତି ହନୁମାନ ଜୟନ୍ତୀ ସମନ୍ୱୟ ସମିତ ସଭାପତି ବିଧାୟକ ଜୟନାରାୟଣ ମିଶ୍ର। ଭିଏସ୍ଏସ୍ ମାର୍ଗସ୍ଥିତ ହରିଜିତ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଗଣମାଧ୍ୟମ ସହ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକ ମିଶ୍ର ସୂଚନା ଦେଇ କହିଛନ୍ତି, ଜନୁମାନ ଜୟନ୍ତୀ ଉପଲକ୍ଷେ ସଚେତନତା ପାଇଁ ଆସନ୍ତା ୧୦ ତାରିଖ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସହରର ବୁଢ଼ାରଜା, କ୍ଷେତରାଜପୁର, ଧନୁପାଲି ଓ ବରେଇପାଲି ଆଦି ୪ଟି ଜୋନରୁ ବାହାରି ପ୍ରାୟ ୧୫ ହଜାରରୁ ଅଧିକ ବାଇକ୍ ସମଗ୍ର ସମ୍ବଲପୁର ସହର ପରିକ୍ରମା କରିବ। ସମସ୍ତ ଜୋନରୁ ବାଇକ୍ ରାଲି ଆସି ଜେଲ ଛକଠାରେ ଏକତ୍ରିତ ହୋଇ ଏକସଙ୍ଗେ ସହର ପରିକ୍ରମା ଯୋଜନା କରାଯାଇଛି। ସେହିପରି ୧୪ ତାରିଖରେ ହନୁମାନ ଜୟନ୍ତୀ ଉପଲକ୍ଷେ ସହରର ବିଭିନ୍ନ ପ୍ରାନ୍ତରୁ ହନୁମାନ କମିଟିର ଶୋଭାଯାତ୍ରା ବାହାରିବ। ଧନୁପାଲି, ମୋତିଝରନ, ସୁନାପାଲି ଓ କୁମାରପଡ଼ା ଆଦି ଅଞ୍ଚଳରୁ ଶୋଭାଯାତ୍ରା ବାହାରି ବୃନ୍ଦହିଲ୍‌ସ୍ଥିତ ହନୁମାନ ମନ୍ଦିରଠାରେ ସମ୍ମିଳିତ ହେବେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଦୁଲଦୁଲି ବାଦ୍ୟ, ମୟୂରଭଞ୍ଜ ଓ ପୁରୁଲିଆର ପ୍ରସିଦ୍ଧ ଛଉ ନୃତ୍ୟ ଦଳକୁ ମିଶାଇ ମୋଟ ୧୮ଟି ସଂସ୍କୃତିକ ଦଳ ସହିତ ୩୦ରୁ ଅଧିକ ଦଳ ସାମିଲ ହୋଇ ସେମାନଙ୍କ କଳା ପ୍ରଦର୍ଶନ କରିବେ। ଖାଲି ସେତିକି ନୁହେଁ, ଶୋଭାଯାତ୍ରାରେ ବିଭିନ୍ନ ହନୁମାନ କମିଟି ଆଖଡ଼ା ଦଳର ଓସ୍ତାଦ୍‌ମାନେ ମଧ ସେମାନଙ୍କ ସମର କଳା ନୈପୁଣ୍ୟତା ପ୍ରଦର୍ଶନ କରିବେ। ଏହି ଅବସରରେ ହନୁମାନଙ୍କ ମନ୍ଦିରରେ ସମୂହିକ ହନୁମାନ ଚାଳିଶା ପାଠ ଓ ପାରମ୍ପରିକ ଅଖାଡ଼ା ଆୟୋଜିତ ହେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଶୋଭାଯାତ୍ରା ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ ବୋଲି ବିଧାୟକ ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ତାଙ୍କ ସହିତ ଅନୀଲ କୁମାର ବେହେରା, ଗୋବିନ୍ଦ ନାରାୟଣ ଅଗ୍ରୱାଲ, ସମୀର କୁମର ବାବୁ, ସୁଶାନ୍ତ ପୁରୋହିତ ଉପସ୍ଥିତ ଥିଲେ।

## ଓଏସ୍ଓୟୁ ପକ୍ଷରୁ ଐତିହ୍ୟ ଗଣଦୌଡ଼



ଓଏସଓୟୁ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ବାହାରିଥିବା ଗଣଦୌଡ।

ସମ୍ବଲପୁର,୫।୪(ବି.ଶଙ୍କର)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପକ୍ଷରୁ ଓଡ଼ିଆ ପକ୍ଷର ପଞ୍ଚମ ଦିବସରେ ଐତିହ୍ୟ ଗଣଦୌଡ ରବିବାର ଅନୁଷ୍ଠିତ ହୋଇଛି। ଓଏସ୍ଓୟୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଶିକ୍ଷାନୁଷ୍ଠାନର ପରୀକ୍ଷା ନିୟନ୍ତ୍ରକ ଡ. ଉମା ଚରଣ ପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ, ଉପକୁଳ ସଚିବ ସରୋଜକାନ୍ତ ନାୟକ, ବିଦ୍ୟାଳୟ ସମୂହ ନିର୍ଦ୍ଦେଶକ ତଥା ଓଡିଆ ପକ୍ଷ କମିଟି ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ବକ୍ସି, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କେନ୍ଦ୍ର ନିର୍ଦ୍ଦେଶକ ଡ. ଆଶିଷ ଦାସ, ଓଡିଆ ପକ୍ଷ କମିଟି ସମ୍ପାଦକ ତଥା ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ସାମିଲ ହୋଇଥିଲେ । ସକାଳ ୮ଟାରେ ଏହି ଗଣଦୌଡ ଓଏସ୍ଓୟୁ ପରିସରରୁ ଆରମ୍ଭ ହୋଇ ଆଇଆଇଏମ୍ ପର୍ଯ୍ୟନ୍ତ ଯାଇଥିଲା।

# ମହାପୁରୁଷ ସମାଜରେ ସୁଧାର ଆଣିଥାନ୍ତି



ସମ୍ବଲପୁରୀ ଭାଷାରେ ରଚିତ ଗୁଡିଆ ବାବା କି ଜୟ ପୁସ୍ତକକୁ ରବିବାର ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୫।୪(ବି.ଶଙ୍କର)

ସମ୍ବଲପୁରୀ ଭାଷାରେ ରଚିତ ଗୁଡିଆ ବାବା କି ଜୟ ପୁସ୍ତକର ବିମୋଚନ ଉତ୍ସବ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହରେ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ। ସାହିତ୍ୟିକ ଡ. ଗୌରୀଦାସ ପ୍ରଧାନଙ୍କ ପରିଚାଳନାରେ ସଭା ହୋଇଥିଲା। ମୁଖ୍ୟବକ୍ତାଭାବେ ବରଗଡ଼ ଜିଲା କଳାପାଣି ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମୋହନ ସାହୁ ଯୋଗଦେଇଥିଲେ। ଜ୍ଞାନାନନ୍ଦ ସରସ୍ୱତୀ ତଥା ଗୁଡ଼ିଆ ବାବାଙ୍କ ଜୀବନର ରୋମାଞ୍ଚକର ଉପାଖ୍ୟାନ ସମ୍ପର୍କରେ ସେ ଆଲୋଚନା କରିଥିଲେ। ସାଧାରଣ ଗୁଡିଆ ପରିବାରର ସନ୍ତାନ ଅସାଧାରଣ ଜ୍ଞାନର ଅଧିକାରୀ ହୋଇଥିଲେ। ଯୋଗାଚାର୍ଯ୍ୟ ପ୍ରଫେସର ଜୟଦେବ ଡନସନା ମୁଖ୍ୟ ଅତିଥିଭାବେ ମହାପୁରୁଷଙ୍କ ଜୀବନୀ ଆଧାରିତ ପୁସ୍ତକର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ମହାପୁରୁଷଙ୍କ ଜୀବନରେ ଅନେକ ଶିକ୍ଷଣୀୟ ଉପାଦାନ ରହିଥାଏ, ଯାହାକି ଉତ୍ତର ପୀଢ଼ିକୁ ମାର୍ଗଦର୍ଶନ କରିଥାଏ। ମହାପୁରୁଷ ସମାଜରେ ସୁଧାର ଆଣିଥାନ୍ତି। ପୁସ୍ତକର ଲେଖକ ବର୍ଷୀୟାନ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା ପୁସ୍ତକର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଐତିହାସିକ ଦୀପକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ଗାୟକ ବିଭୂତି ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଗୁଡିଆ ସମାଜ ପକ୍ଷରୁ ପୁସ୍ତକର ଲେଖକ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁସ୍ତକ ଉନ୍ମୋଚନ ଉତ୍ସବରେ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

### ଜମିବାଡି ବିବାଦରୁ ମହିଳାଙ୍କୁ ମାଡ, ୨ ଗିରଫ

ରେଢ଼ାଖୋଲ, ୫।୪(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ଚାରମାଳ ଥାନା ଅନ୍ତର୍ଗତ ହେଲେଇ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ମାଡ ମରିବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହେଲେଇ ଗ୍ରାମର ସୀତାଂଶୁ ପ୍ରଧାନ ଏବଂ ସୁବାସ ପ୍ରଧାନ। ଏହି ଦୁଇଜଣ ଯୁବକଙ୍କ ସହ ଗାଁର ସୁକାନ୍ତି ପ୍ରଧାନଙ୍କ ସହିତ ଜମି ବାଡିକୁ ନେଇ ବିବାଦ ରହିଥିଲା। ଶନିବାର ରାତିରେ ସୀତାଂଶୁ ଓ ସୁବାଷ ସମ୍ପୃକ୍ତ ମହିଳାଙ୍କୁ ମାଡ ମାରିଥିଲେ। ମହିଳାଙ୍କ ପୁଅ ଲୋକେଶ ପ୍ରଧାନ ରବିବାର ଚାରମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବେଦ ପ୍ରକାଶ ନନ୍ଦ କହିଛନ୍ତି।

### କଂଗ୍ରେସ ବନ୍ଧୁମିଳନରେ ସ୍ଥାନୀୟ ସମସ୍ୟା ନେଇ ଉଦ୍‌ବେଗ

ହୀରାକୁଦ,୫।୪(ଫିଲିପ କୁମାର)

ହୀରାକୁଦରେ ଜିଲା କଂଗ୍ରେସର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ନଗର ସଭାପତି ରବି ରାଉତଙ୍କ ଅଧ୍ୟକ୍ଷତାରେ ନଦୀ ବନ୍ଧ ପ୍ରୋଜେକ୍ଟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଅମିତ ଗୁରୁ ଯୋଗ ଦେଇଥିଲେ। ହୀରାକୁଦ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ପାଇଁ ଜମି ହରାଇଥିବା ବିସ୍ଥାପିତଙ୍କୁ ଆଜି ପର୍ଯ୍ୟନ୍ତ ଜମି ପଟ୍ଟା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ଜିଲା ସଭାପତି ଗୁରୁ କହିଥିଲେ। ହୀରାକୁଦ ଏକ ଶିଳ୍ପ ସମୃଦ୍ଧ ସହର ହୋଇଥିଲେ ସୁଦ୍ଧା ଏଠାକାର ଶିଳ୍ପ ସଂସ୍ଥାଗୁଡ଼ିକରେ ସ୍ଥାନୀୟ ଯୁବତୀ ଓ ଯୁବକଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। କଳକାରଖାନାରୁ ନିର୍ଗତ ଧୂଳି ଓ ଧୂଆଁ ଯୋଗୁଁ ସାଧାରଣ ଲୋକେ ମାରାତ୍ମକ ବ୍ୟାଧିରେ ସଂକ୍ରମିତ ହେଉଛନ୍ତି। ପ୍ରଶାସନର ଉଦାସୀନତାକୁ ସମାଲୋଚନା କରାଯାଇଥିଲା। ନ୍ୟାୟ ପାଇଁ କଂଗ୍ରେସ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଓପିସିସି ସଭ୍ୟ ସୁବାସ ବିଶ୍ୱାଳ, ଜିଲା ଉପସଭାପତି ଜିତେନ ମହାନନ୍ଦ, ବିଜୟଲକ୍ଷ୍ମୀ ବେହେରା ଉପସ୍ଥିତ ଥିଲେ।

## ଭିସୁଟ୍ କାୟାକଳ୍ପ ପାଇଁ ୯୨୯.୯୬ କୋଟି ଅନୁମୋଦିତ

ସମ୍ବଲପୁର, ୫।୪(ପ୍ରମୋଦ ବହିଦାର)

ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)। ରାଜ୍ୟ କ୍ୟାବିନେଟ୍ ଏହି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ୯୨୯.୯୬କୋଟି ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟକୁ ଜାତୀୟସ୍ତରର ଏକ ପ୍ରିମିୟର ହବ୍‌ରେ ପରିଣତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ କରିଛନ୍ତି ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ। ଭିସୁଟ୍‌ରେ ଅଧ୍ୟୟନରତ ପ୍ରାୟ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ଦୃଷ୍ଟିରେ ରଖି ବିଗତ ସରକାରଙ୍କ ପକ୍ଷରୁ ଏହାର ରୂପାନ୍ତରଣ କାର୍ଯ୍ୟ ସ୍ୱରୂପ ଏକ ମାଷ୍ଟର ପ୍ଲାନ ଅନୁଯାୟୀ ୨ହଜାର ଟଙ୍କା ଘୋଷଣା କରଯାଇଥିଲା। ଯାହାକୁ ପର୍ଯ୍ୟାୟକ୍ରମେ ଭିସୁଟ୍‌ର ଭିତ୍ତିଭୂମିର ବିକାଶ କାର୍ଯ୍ୟରେ ଖର୍ଚ୍ଚ କରିବାର ନିଷ୍ପତ୍ତି ହୋଇଥିଲା। ଉକ୍ତ ନିଷ୍ପତ୍ତିର ଅଂଶଭାବେ ପ୍ରଥମ ଦଫାରେ ଏହି ଅର୍ଥରାଶିର ବ୍ୟୟ ମଞ୍ଜୁର କରାଯାଇଛି ବୋଲି ଭିସୁଟ୍ କର୍ତ୍ତୃପକ୍ଷଙ୍କ ସୂଚନାରୁ ପ୍ରକାଶ। ଏହି ଅର୍ଥରାଶିରେ ଭିସୁଟ୍‌ରେ ଅତ୍ୟାଧୁନିକ ଏକାଡେମିକ ବ୍ଲକ, ବିଶ୍ୱସ୍ତରୀୟ ଗବେଷଣାଗାର, ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ଛାତ୍ରାବାସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗକୁ ବିକଶିତ କରାଯିବ। 'ଟର୍ଣ୍ଣ-କି' ମୋଡ୍‌ରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପର ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ସର୍ବନିମ୍ନ ବିଡର ଭାବେ ଚୟନ କରାଯାଇଥିବା ଏନ୍‌ସିସି ଲିମିଟେଡ୍ ଏହାର ନିର୍ମାଣଠାରୁ ଆରମ୍ଭ କରି ଏକ ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇବ। ଏହି ପୁନଃବିକାଶ ଯୋଜନା ଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ସମଗ୍ର ରାଜ୍ୟର ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ। ଭିସୁଟ୍‌କୁ ଏକ ମଲ୍ଟି-ଡିସିପ୍ଲିନାରୀ ରିସର୍ଚ୍ଚ ୟୁନିଭର୍ସିଟି ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଯାହାଫଳରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ନିଜ ମାଟିରେ ରହି ଅନ୍ତର୍ଜାତୀୟ ମାନର ଶିକ୍ଷା ଓ ପ୍ରଶିକ୍ଷଣ ପାଇପାରିବେ ବୋଲି ଭିସୁଟ କର୍ତ୍ତୃପକ୍ଷ କହିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ପରେ ଭିସୁଟ୍ ଛାତ୍ରୀଛାତ୍ର ଓ ପୁରାତନ ଛାତ୍ର ସଂଘ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ

ନାକଟିଦେଉଳ, ୫।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦର ଗ୍ରାମରେ ୯ ଦିନ ଧରି ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବ ରବିବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ଶନିବାର ରାତିରେ ରାବଣ ପୋଡି କାର୍ଯ୍ୟକ୍ରମ ହୋଇଥିଲା। ନାକଟିଦେଉଳ ଗ୍ରାମରେ ଥିବା ଶ୍ରୀ ରଘୁନାଥଜୀଉ ମନ୍ଦିରରେ ଗ୍ରାମବାସୀଙ୍କ ପକ୍ଷରୁ ରାମ ନବମୀ ମହୋତ୍ସବ ଆୟୋଜିତ ହୋଇଥିଲା। ମନ୍ଦିର ପରିସର ସମେତ ଗ୍ରାମ୍ୟ ରାସ୍ତାକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ପୂଜା ମଣ୍ଡପରେ ପ୍ରତ୍ୟହ ରାମାୟଣ ପାଠ ସହ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ହେଉଥିଲା। ବିଭିନ୍ନ ରାତିରେ ପ୍ରବଚନ, ପାଲା, ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ପୂଜା ମଣ୍ଡପ ଆସି ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରୁଥିଲେ। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ପ୍ରସାଦ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ ଏବଂ ବାନର ସେନା ବେଶରେ ସଜ୍ଜିତ ହୋଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ଶିବ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପଡିଆରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ରାବଣଙ୍କ ପ୍ରତୀକ ନିକଟରେ ପୂଜାର୍ଚ୍ଚନା ପରେ ବେଶଧାରୀ ପ୍ରଭୁ ରାମଚନ୍ଦ୍ର ଧନୁ ତୀରରେ ଅଗ୍ନି ସଂଯୋଗ କରି ତାଙ୍କୁ ବଧ କରିଥିଲେ। ଏହା ପରେ ବିଭିନ୍ନ ଆତସବାଜି ଶବ୍ଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କର୍ତ୍ତାଭାବେ ଦୁର୍ଯ୍ୟୋଧନ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି ସଭାପତି ନୀଳାଦ୍ରିନାଥ ସାହୁ, ସମ୍ପାଦକ କାଶୀନାଥ ସାହୁ, କୋଷାଧ୍ୟକ୍ଷ ଝସକେତନ ଅଗ୍ରୱାଲ୍ଲାଙ୍କ ସମେତ କମିଟି ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ ।

## ମନୋଜ କୁମାର ସେଠ ପିଏନ୍‌ବି ନୂତନ ସର୍କଲ ମୁଖ୍ୟ

ସମ୍ବଲପୁର,୫।୪(ବି.ଶଙ୍କର)



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ସମ୍ବଲପୁରର ନୂତନ ସର୍କଲ ମୁଖ୍ୟ ଭାବେ ମନୋଜ କୁମାର ସେଠ ନିଯୁକ୍ତ ହୋଇଛନ୍ତି । ଏହାପୂର୍ବରୁ ତାଙ୍କର ପଶ୍ଚିମବଙ୍ଗ, ବିହାର, ତାମିଲନାଡୁ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ବ୍ୟାଙ୍କରେ ବିଭିନ୍ନ ପଦବୀରେ ୨୪ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି । ୫୦ପ୍ରତିଶତ ଶାଖା ଏବଂ ୫୦ ପ୍ରତିଶତ ପ୍ରଶାସନିକ କାର୍ଯ୍ୟାଳୟରେ ତାଙ୍କ କ୍ୟାରିୟର ରହିଛି । ତାଙ୍କ ନେତୃତ୍ୱରେ ସର୍କଲ କୃଷି, ଏମ୍ଏସ୍ଏମ୍ଇ, ଖଚୁରା କ୍ଷେତ୍ର ସହିତ ସିଏଏସଏ ଅଭିବୃଦ୍ଧି ଉପରେ ଧ୍ୟାନ ଦେବେ । ତାଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି ଗ୍ରାହକ ସେବା ଏବଂ ସର୍କଲରେ ବ୍ୟାଙ୍କର ଅଭିବୃଦ୍ଧି ରହିବ ବୋଲି ସେଠ କହିଛନ୍ତି । ସୂଚନାଯୋଗ୍ୟ ଯେ, ସେ ସମ୍ବଲପୁର ଜିଲାର କୁଚିଣ୍ଡାର ଜନ୍ମ ଗ୍ରହଣ କରିଥିଲେ। ୨୦୦୧ ମସିହାରେ ପ୍ରୋବେସ ନାରୀ ଅଫିସର ଭାବେ ବ୍ୟାଙ୍କରେ ଯୋଗ ଦେଇଥିଲେ । ସେ ସ୍ନାତକୋତ୍ତର ଡିଗ୍ରୀ (ଏଜି) ଓୟୁଏଟିରୁ ସମାପ୍ତ କରିଛନ୍ତି।

## ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ଜଳକୁଣ୍ଡ ସ୍ଥାପନ



ସମ୍ବଲପୁର,୫।୪(ବି.ଶଙ୍କର)

ସମ୍ବଲପୁରରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାଭିମାନ ସମ୍ବଲପୁର ଅନୁଷ୍ଠାନ ପକ୍ଷରୁ ବୁଲା ପ୍ରାଣୀ ଓ ପକ୍ଷୀଙ୍କ ପାଇଁ ରବିବାର ନିଆରା କାର୍ଯ୍ୟକ୍ରମ ହାତକୁ ନେଇଛି । ଅନୁଷ୍ଠାନ ପକ୍ଷରୁ ମହାନଗର ନିଗମ ଅଞ୍ଚଳର ଧନୁପାଲି, ଗୋବିନ୍ଦତୋଲା, ଚାରଭାଟି, କେନ୍ଦ୍ରୀୟ ଜେଲ ସମ୍ମୁଖ, ଗୋଲବଜାର, ପୁରୁଣା ପୌର ପରିଷଦ କାର୍ଯ୍ୟାଳୟ, କଚେରୀ ସମେତ ବିଭିନ୍ନ ଛକରେ ଜଳ କୁଣ୍ଡ ସ୍ଥାପନ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସେମାନଙ୍କ ତୃଷା ନିବାରଣ ହୋଇପାରିବ । ସେ ନେଇ ଅନୁଷ୍ଠାନ ସମ୍ପାଦକ ଶିଶିର ବହିଦାର ପାଣି କୁଣ୍ଡ ରଖାଯାଉଥିବା ଅଞ୍ଚଳର ଯୁବ ସାମାଜିକ କର୍ମୀଙ୍କ ସହ ଆଲୋଚନା କରି ଛନ୍ତି। ପାଣିକୁଣ୍ଡ ସ୍ଥାପନ କାର୍ଯ୍ୟରେ ସ୍ୱାଭିମାନ ସମ୍ବଲପୁର ସମ୍ପାଦକ ବହିଦାରଙ୍କ ସହ ସମୀର ହୋତା, ଉପେନ୍ଦ୍ର ରାଉତ, ଶିବା ଜାଲ, ବାବୁଲୁ ଷଣ୍ଢ, ସତ୍ୟବାନ ବାଗ, କୁନ୍ଦନ ପ୍ରଧାନ, ମାନସ ସାହାଣୀ, ଦେବା ନାୟକ, ଗୁଣନିଧି ରାଉତ, ଦେବନ୍ତ ବେହେରା ଯୋଗଦେଇଥିଲେ।

# ଐତିହ୍ୟସ୍ଥଳୀ ଲୋକଲୋଚନକୁ ଆଣିବାର ପ୍ରୟାସ

**ଓଡ଼ିଶା ପକ୍ଷ ପାଳନ ଉପଲକ୍ଷେ ମିନି ଐତିହ୍ୟ ଗଣଦୌଡ଼**

ସମ୍ବଲପୁର,୫।୪(ପ୍ରମୋଦ ବହିଦାର)




ଐତିହ୍ୟ ଗଣଦୌଡ଼ରେ ସାମିଲ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଚାଲିଥିବା ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରବିବାର ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଏକ ମିନି ଐତିହ୍ଯ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ସେ କହିଥିଲେ, ସମ୍ବଲପୁରର ପ୍ରମୁଖ ଐତିହ୍ୟ ସ୍ଥଳୀଗୁଡ଼ିକୁ ଲୋକଲୋଚନକୁ ଆଣିବା ସହ ଏ ସମ୍ପର୍କରେ ଏହାର ଗୁରୁତ୍ୱ ଓ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା ଏହି ଗଣଦୌଡ଼ର ଲକ୍ଷ୍ୟ। ଗତ ଏପ୍ରିଲ ୧ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ପ୍ରତେକ ଦିନ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରବିବାର ଅନୁଷ୍ଠିତ ମିନି ଐତିହ୍ୟ ଗଣଦୌଡ଼ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରୁ ସକାଳ ୭ଟାରୁ ଆରମ୍ଭ ହୋଇ ଗୋଲବଜାର ଛକ ଦେଇ ସମଲେଶ୍ୱରୀ ମନ୍ଦିରରେ ଶେଷ ହୋଇଥିଲା। ଏଥିରେ ଛୋଟ ପିଲାଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସବୁ ବର୍ଗର ଲୋକେ ଉତ୍ସାହର ସହିତ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଜିଲା କ୍ରୀଡ଼ା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ଯୋଗ ଦେଇଥିଲେ।

